ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.283 Bhubaneswar Wednesday December 28 2022 | ୨୫ତମ ବର୍ଷ | ସଂଖ୍ୟା-୨୮୩ | ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୮, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS


## ୧୭ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ: ଗ୍ରାଣ୍ଟ ଇନ୍ ଏଡ୍ ସ୍କୁଲକୁ ସପ୍ତମ ବେତନ ହାରରେ ଦରମା




ଭୁବନେଶ୍ୱର,୨୭।୧୨(ପି.ଏନ): ୨୦୨୧ ଡିସେମ୍ବର ୩୧ସୁଦ୍ଧା ଶତପ୍ରତିଶତ ଗ୍ରାଣ୍ଟ ଇନ୍ ଏଡ୍ (ଅନୁଦାନ) ପାଉଥିବା ସମସ୍ତ ବେସରକାରୀ ହାଇସ୍କୁଲ, ମଇ ସ୍କୁଲ ଓ ମାଦ୍ରାସାର ଶିକ୍ଷକ ଓ କର୍ମଚାରୀମାନେ ଏଣିକି ସପ୍ତମ ବେତନ ହାରରେ ଦରମା ପାଇବେ । ୨୦୨୨ ଜାନୁୟାରୀ ପହିଲାରୁ ଏହି ବର୍ଦ୍ଧିତ ଦରମା ସେମାନଙ୍କୁ ମିଳିବ । ଏଥିରେ ପ୍ରାୟ ୨୬୧୬୪ଜଣ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ ତଥା ରାଜକୋଷରୁ ବାର୍ଷିକ ୨୮୦.୪୮କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହେବ । ଆଜି ରାଜ୍ୟ କ୍ୟାବିନେଟ ଏହି ପ୍ରସ୍ତାବ ସମେତ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ରାଜ୍ୟ କ୍ୟାବିନେଟରେ ଆଜି ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ରାଜ୍ୟର ଶତପ୍ରତିଶତ ଅନୁଦାନପ୍ରାପ୍ତ ବେସରକାରୀ ହାଇସ୍କୁଲ, ମଇ ସ୍କୁଲ ଓ ମଦ୍ରାସାରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ସଂଶୋଧିତ ବେତନ ନିୟମ-୨୦୧୭(ସପ୍ତମ ବେତନ ହାରରେ) ଦରମା ପ୍ରଦାନ କରାଯିବ । ପୂର୍ବରୁ ସେମାନଙ୍କୁ ୨୦୨୦ ମସିହାରେ ୨୦୧୮ ମସିହାର ଫର୍ମୁଲା ଆଧାରରେ ଦରମା ପ୍ରଦାନ କରାଯାଉଥିଲା । କିନ୍ତୁ ଏବେ ୨୦୨୨ ଜାନୁୟାରୀ ପହିଲାକୁ ଆଧାର କରି ସଂଶୋଧିତ ଦରମା ପ୍ରଦାନ କରାଯିବ । ଏହା ଦ୍ୱାରା ରାଜ୍ୟର ମୋଟ ୨୬୧୬୪ଜଣ ଶିକ୍ଷକ ଓ ଅଣଶିକ୍ଷକ ଉପକୃତ ହେବେ । ୨୦୨୧ ଡିସେମ୍ବର ୩୧ତାରିଖ ସୁଦ୍ଧା ୧୦୦ ପ୍ରତିଶତ ଗ୍ରାଣ୍ଟ ଇନ୍ ଏଡ୍ ପାଉଥିବା ସ୍କୁଲଗୁଡିକ ଏହି ସଂଶୋଧିତ ଦରମା ପାଇବାକୁ ଯୋଗ୍ୟ ହେବେ ।ସେହିପରି ମହିଳାଙ୍କୁ ଛତୁ, ଫୁଲ, ଆଳୁ, ପନିପରିବା ଓ ମସଲା ଆଦି ଚାଷ ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ସରକାର ଗୋଟିଏ ୫ବର୍ଷିଆ ଓ ଗୋଟିଏ ୩ବର୍ଷିଆ ଯୋଜନାରେ ମୋଟ ପ୍ରାୟ ୧୫୦୦କୋଟି ଟଙ୍କା ବ୍ୟୟ କରିବେ । ରାଜ୍ୟ କ୍ୟାବିନେଟ ଆଜି ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି ।ଛତୁ ଓ ଝୁରା ଫୁଲ ଚାଷ ପାଇଁ ମହିଳା ହିତାଧିକାରୀ ଓ ମହିଳା ଏସଏଚ୍‌ଜିଗୁଡିକୁ ପ୍ରୋତ୍ସାହିତ କରିବା ନିମନ୍ତେ 'କୃଷିରେ ମହିଳାମାନଙ୍କ ସଶକ୍ତିକରଣ ଓ ମହିଳା ଏସଏଚ୍‌ଜିଙ୍କ ପାଇଁ ଉଦ୍‌ଯୋଗର ପ୍ରୋତ୍ସାହନ' ଯୋଜନା କାର୍ଯ୍ୟକାରୀ ହୋଇଛି । ଏଥିରେ ରାଜ୍ୟ ସରକାର ୨୦୨୨-୨୩ରୁ ୨୦୨୬-୨୭ ମସିହା ପର୍ଯ୍ୟନ୍ତ ୫ବର୍ଷ ପାଇଁ ମୋଟ ୩୬୭.୧୯କୋଟି ଟଙ୍କା ବ୍ୟୟ କରିବେ ।'ଆଳୁ, ପନିପରିବା ଓ ମସଲା ଉନ୍ନୟନ ଯୋଜନା'ରେ ମହିଳା ଏସଏଚ୍‌ଜି, କୃଷକ ଉତ୍ପାଦନ ସଂଗଠନ ଓ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରୁ ୨୦୨୫-୨୬ ମସିହା ପର୍ଯ୍ୟନ୍ତ ୩ବର୍ଷ ନିମନ୍ତେ ମୋଟ ୧୧୪୨.୨୪କୋଟି ଟଙ୍କା ବ୍ୟୟ କରିବେ । ଏହାଦ୍ୱାରା ରାଜ୍ୟରେ ଆଳୁ, ପିଆଜ, ପନିପରିବା ଓ ମସଲା ଉତ୍ପାଦନ ବୃଦ୍ଧି ପାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବହୁଳ ପ୍ରଚାରିତ 'ଆଳୁ ମିଶନ' ଫେଲ୍ ମାରିବା ପରେ ଏବେ ନୂତନ ଶୈଳୀରେ ଆଳୁ ଓ ଅନ୍ୟାନ୍ୟ ପରିବା ଉତ୍ପାଦନ ବୃଦ୍ଧି ପାଇଁ ଏତେ ପରିମାଣର ପାଣ୍ଠି ବ୍ୟବସ୍ଥା କରିଥିବା ଜଣାପଡିଛି ।

## ରାୟଗଡାରେ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁର ହେବ କ୍ରାଇମବ୍ରାଂଚ ତଦନ୍ତ

ଭୁବନେଶ୍ୱର,୨୭।୧୨(ପି.ଏନ): ରାୟଗଡାରେ ରୁଷୀୟ ସାଂସଦ ପାଭେଲ ଆଂଟୋଭ ଓ ଭ୍ଲାଦିମିରଙ୍କ ମୃତ୍ୟୁ ମାମଲାରେ ତଦନ୍ତ କରିବ କ୍ରାଇମବ୍ରାଂଚ(ସିବି-ସିଆଇଡି) । କେଉଁ ସ୍ଥିତିରେ ପର୍ଯ୍ୟଟକଙ୍କୁ ମୃତ୍ୟୁ ହେଲା ସେ ନେଇ ତଦନ୍ତ କରାଯିବ । ସିଆଇଡିକୁ ସ୍ଥାନୀୟ ପୋଲିସ ସହଯୋଗ କରିବ ବୋଲି କହିଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ । ଡିଜି ସୁନୀଲ ବଂଶଲ କହିଛନ୍ତି, ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପୂରା ଦେଶର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକ ରହିଛନ୍ତି । ରାୟଗଡ଼ାକୁ ବୁଲିବା ନିମନ୍ତେ ଆସିଥିବା ୪ ରୁଷୀୟ ପର୍ଯ୍ୟଟକଙ୍କ ଭିତରୁ ଜଣଙ୍କ ମୃତ୍ୟୁ ହୃଦ୍‌ଘାତରୁ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି । ତେବେ ପୂରା ରିପୋର୍ଟ ମିଳିବା ପରେ ପ୍ରକୃତ କଥା ଜଣାପଡ଼ିବ । ଗୋଟିଏ ହୋଟେଲରେ ରହିବା ପରେ ୨୨ ତାରିଖରେ ଜଣେ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାର ଦୁଇଦିନ ପରେ ଅର୍ଥାତ୍ ଗତ ୨୪ ତାରିଖରେ ତାଙ୍କ ସାଙ୍ଗରେ ଥିବା ଅନ୍ୟଜଣଙ୍କ ମୃତ୍ୟୁ ହୋଇଥିଲା । ପାଭେଲ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି । ଏହି ଦୁଇଟି ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି । ଶବ ବ୍ୟବଚ୍ଛେଦ କରାଯିବା ପରେ କୋଲକାତା ସ୍ଥିତ ରୁଷ ଦୂତାବାସର ଲୋକଙ୍କ ସହ ଯୋଗାଯୋଗ କରାଯାଇଛି । ରୁଷ ଅଫିସିଆଲଙ୍କୁ ମୃତକଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ସମେତ ପାସ୍‌ପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ର ହସ୍ତାନ୍ତର କରାଯାଉଛି । ତେବେ ହଠାତ୍ ଦୁଇଟି ମୃତ୍ୟୁ ଘଟଣା କାହିଁକି ଘଟିଲା ଓ ଏହା ପଛର ରହସ୍ୟ କ'ଣ ରହିଛି ସେ ନେଇ ଜଣାପଡ଼ିନି । ମାମଲାର ତଦନ୍ତରେ ହୋଟେଲରେ ଥିବା ଅନ୍ୟ ଦୁଇ ରୁଷ ପର୍ଯ୍ୟଟକଙ୍କ ସହଯୋଗ ମଧ୍ୟ ନିଆଯାଉଛି । ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ହୋଟେଲ୍ ରେ ପହଂଚି ଛାନ୍‌ଭିନ୍ କରିଛନ୍ତି ଦକ୍ଷିଣପଶ୍ଚିମାଂଚଳ ଡିଆଇଜି ରାଜେଶ ପଣ୍ଡିତ ଓ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ।ସୂଚନା ଥାଉକି, ରାୟଗଡ଼ାରେ ମୃତ୍ୟୁବରଣ କରିଥିବା ରୁଷୀୟ ପର୍ଯ୍ୟଟକ ପାଭେଲ ଆଣ୍ଟୋଭ ରୁଷର ସାଂସଦ ତଥା ଜଣେ କୋଟିପତି ବ୍ୟବସାୟୀ ଥିଲେ ବୋଲି ଜଣାଯାଇଛି । ପାଭେଲ ନିଜ ଜନ୍ମଦିନ ପାଳନ ପାଇଁ ସାଙ୍ଗ ପାନ ସେଙ୍କୋ, ଟୁର୍ଡୋ, ଭ୍ଲାଦିମିର ବିଦାନୋଭଙ୍କ ସହ ଓଡ଼ିଶା ଆସିଥିଲେ । ସେମାନେ ଟୁରିଷ୍ଟ ଭିସାରେ ଡିସେମ୍ବର ୧୯ ତାରିଖରେ ଦିଲ୍ଲୀ ପହଂଚି ଭୁବନେଶ୍ୱରରୁ ରାୟଗଡ଼ାରେ ଡିସେମ୍ବର ୨୧ ତାରିଖରେ ପହଂଚିଥିଲେ । ପରବର୍ତୀ ଗନ୍ତବ୍ୟସ୍ଥଳକୁ ଜୟପୁରକୁ ଯାଇଥାନ୍ତେ । ଏଥିପାଇଁ ହୋଟେଲର ଗୋଟିଏ ରୁମରେ ରହିଥିଲେ ଦମ୍ପତି ପାନ ସେଙ୍କୋ ଓ ଟୁର୍ଡୋ । ଆଉ ଏକ ରୁମରେ ରହିଥିଲେ ଭ୍ଲାଦିମିର ଓ ପାଭେଲ । କିନ୍ତୁ ୨୨ ତାରିଖରେ ଆକସ୍ମିକ ଭାବେ ରୁମରେ ପ୍ରାଣ ହରାଇଲେ ଭ୍ଲାଦିମିର । ଏହାର ଦୁଇ ଦିନ ପରେ ଅର୍ଥାତ ୨୪ ତାରିଖରେ ହୋଟେଲ୍ ତଳୁ ପାଭେଲଙ୍କ ମୃତଦେହ ମିଳିଥିଲା ।

### ଜୟପୁରରୁ ଭୁବନେଶ୍ୱରକୁ ଉଡ଼ିବ ଆଉ ଏକ ବିମାନ

ଭୁବନେଶ୍ୱର, ୨୭।୧୨(ପି.ଏନ): ଦକ୍ଷିଣ ଓଡ଼ିଶା ବିଶେଷ ଭାବେ କୋରାପୁଟ ବାସୀଙ୍କ ପାଇଁ ପୁଣି ଏକ ଖୁସି ଖବର । ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱରକୁ ଆଉ ଏକ ବିମାନ ଉଡ଼ିବ ବୋଲି ଜଣାପଡ଼ିଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଟ୍ୱିଟ୍ କରି ସୁଚନା ଦେଇଛନ୍ତି ।ସେ ଟ୍ୱିଟ କରି କହିଛନ୍ତି ଯେ - ଯାତ୍ରୀମାନଙ୍କ ଚାହିଦା ଓ ଦାବିକୁ ନେଇ ଏୟାର ଅନ୍ ଇଣ୍ଡିଆ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ସୂଚନାଯୋଗ୍ୟ, ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱରକୁ ଦ୍ୱିତୀୟ ବିମାନ ଉଡ଼ାଣ ପାଇଁ ଲଗାତାର ଦାବୀ ହୋଇ ଆସୁଥିଲା । ଉଲ୍ଲେଖନୀୟ ଯେ ଜୟପୁର ବିମନବନ୍ଦରକୁ ଗତ ଅକ୍ଟୋବର ୩୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ ।

## ଆସନ୍ତାକାଲି ଓଡିଶା ଆସିବେ ନଡ୍ଡା

ଭୁବନେଶ୍ୱର,୨୭।୧୨(ପି.ଏନ): ଆସନ୍ତାକାଲି (ବୁଧବାର) ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି । ଗସ୍ତ ଅବସରରେ ଶ୍ରୀ ନଡ୍ଡା କନ୍ଧମାଳ ଓ ପୁରୀ ଲୋକସଭା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେବେ । ନଡ୍ଡାଙ୍କ ଓଡିଶା ଗସ୍ତକୁ ନେଇ ବିଜେପି ଶିବିର ଚଳଚଂଚଳ ହୋଇ ଉଠିଛି । ଦଳ ପକ୍ଷରୁ ଅଧ୍ୟକ୍ଷଙ୍କ ସ୍ୱାଗତ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି । ଶ୍ରୀ ନଡ୍ଡା ଭୁବନେଶ୍ୱର ପହଂଚିବା ପରେ ସିଧାସଳଖ କନ୍ଧମାଳ ଲୋକସଭା ଓ ବାଲିଗୁଡା ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ତୁମୁଡିବନ୍ଧ ଗସ୍ତ କରିବେ । ସେଠାରେ ପୂର୍ବାହ୍ନ ୧୧.୩୦ ସମୟରେ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଯୋଗ ଦେବା ପରେ ଜଳେଶପଟା ଆଶ୍ରମ୍‌ସ୍ଥିତ ନୂତନ କନ୍ୟାଶ୍ରମକୁ ଉଦ୍‌ଘାଟନ କରିବେ । ଏହା ପରେ ଶ୍ରୀ ନଡ୍ଡା ପୁରୀ ଲୋକସଭା ଓ ଚିଲିକା ବିଧାନସଭା ଅନ୍ତର୍ଗତ ବାଣପୁର ପଲଟନ୍ ପଡିଆରେ ଅପରାହ୍ନ ୩ଟା ସମୟରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେବେ । ଏହା ପରେ ଶ୍ରୀ ନଡ୍ଡା ବାଣପୁରସ୍ଥିତ ମାଁ ଭଗବତୀ ମନ୍ଦିରକୁ ଯାଇ ଦର୍ଶନ କରିବା ପରେ ନାଚୁଣୀସ୍ଥିତ କଲେଜ ଇନଡୋର ଷ୍ଟାଡିୟମରେ କାର୍ଯ୍ୟକର୍ତା ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ଶ୍ରୀ ନଡ୍ଡା ସଡକ ପଥରେ ଭୁବନେଶ୍ୱର ଫେରି ଆସି ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତନ କରିବେ ।

### ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱରରେ ପହଂଚିଲା ଭାରତୀୟ ପୁରୁଷ ହକି ଦଳ

ଭୁବନେଶ୍ୱର, ୨୭।୧୨(ପି.ଏନ): ଆଗାମୀ ହକି ବିଶ୍ୱକପରେ ଭାଗ ନେବାକୁ ଭାରତୀୟ ହକି ଦଳ ଆଜି ଓଡିଶା ପହଂଚିଛି । ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଆସନ୍ତା କାଲି ଠାରୁ ଭାରତୀୟ ଦଳ ପ୍ରାକ୍ଟିସ ଆରମ୍ଭ କରିବ । ଭୁବନେଶ୍ୱରରେ ପହଂଚିବା ପରେ ଭାରତୀୟ ଖେଳାଳୀ ମାନେ ହୋଟେଲକୁ ଯାଇଥିଲେ । ବିଶ୍ରାମ ପରେ ସେମାନେ ରାଉରକେଲା ଅଭିମୁଖେ ଯାତ୍ରା କରିବେ । ଅପରାହ୍ନରେ ଝାରସୁଗୁଡା ବିମାନ ବନ୍ଦରରେ ପହଂଚିବା ପରେ ସେମାନେ ରାଉରକେଲା ଯିବେ । ସେଠାରେ ଭାରତୀୟ ଖେଳାଳୀ ମାନେ ଅଭ୍ୟାସ ଆରମ୍ଭ କରିବେ ବୋଲି ଜଣା ପଡିଛି ।

## ଦୁବାଇ,ବ୍ୟାଙ୍କକ୍ ଓ ସିଙ୍ଗାପୁରକୁ ଉଡିବ ବିମାନ: ଖର୍ଚ୍ଚ ତୁଲାଇବେ ସରକାର



ଭୁବନେଶ୍ୱର,୨୭।୧୨(ପି.ଏନ): ଆନ୍ତର୍ଜାତିକ ବିମାନ ଚଳାଚଳ କ୍ଷେତ୍ରରେ ଓଡିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଦୁବାଇ, ବ୍ୟାଙ୍କକ ଓ ସିଙ୍ଗାପୁର ଭଳି ଆନ୍ତର୍ଜାତିକ ସହରକୁ ଭୁବନେଶ୍ୱରରୁ ସିଧାସଳଖ ବିମାନ ଚଳାଚଳ ନିମନ୍ତେ ଇଣ୍ଡିଗୋ ଏୟାରଲାଇନ୍‌ସକୁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେବେ । ଆନ୍ତର୍ଜାତିକ ସହରକୁ ଭୁବନେଶ୍ୱରରୁ ସିଧାସଳଖ ବିମାନ ଚଳାଚଳ ପାଇଁ ରାଜ୍ୟ ସରକାର ଡାକିଥିବା ଟେଣ୍ଡରରେ ଇଣ୍ଡିଗୋ ଏୟାରଲାଇନ୍‌ସ ଭାଗ ନେଇ ଆଗ୍ରହ ପ୍ରକାଶ କରିଥିଲା । ଆଜି ରାଜ୍ୟ କ୍ୟାବିନେଟ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଓଡିଶାର ସମୃଦ୍ଧ ଖଣିଜ ସମ୍ପଦ, ବୈଷୟିକ ଜ୍ଞାନକୌଶଳ, ଇତିହାସ ଓ ସଂସ୍କୃତି, ପର୍ଯ୍ୟଟନକୁ ସମଗ୍ର ବିଶ୍ୱ ଦରବାରରେ ପରିଚିତ କରାଇବା ନିମନ୍ତେ ଆନ୍ତର୍ଜାତିକ ବିମାନ ଚଳାଚଳର ଆବଶ୍ୟକତା ରହିଛି । ପ୍ରଥମ ପର୍ଯ୍ୟାୟରେ ଓଡିଶା ସରକାରଙ୍କ ଦ୍ୱାରା ଭୁବନେଶ୍ୱରରୁ ସିଧାସଳଖ ଦୁବାଇ,ସିଙ୍ଗାପୁର ଓ ବ୍ୟାଙ୍କକକୁ ବିମାନ ଚଳାଚଳ ନିମନ୍ତେ ଟେଣ୍ଡର ଡକାଯାଇଥିଲା । ଏହି ରୁଟରେ ବିମାନ ଚଳାଚଳ ପାଇଁ ଇଣ୍ଡିଗୋ ଆବେଦନ କରିଛି । ଫଳରେ ସପ୍ତାହକୁ ୧୮୬ ସିଟ୍ ବିଶିଷ୍ଟ ଯଥାକ୍ରମେ ୩ଟି ଓ ୨ଟି ବିମାନ ଭୁବନେଶ୍ୱରରୁ ଚଳାଚଳ ଆରମ୍ଭ କରିବ । ଏଥିପାଇଁ ରାଜ୍ୟ ସରକାର ବିମାନ ଚଳାଚଳର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ । ଫଳରେ ଇଣ୍ଡିଗୋକୁ ବିମାନର ସମସ୍ତ ଟିକେଟ୍ ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ମିଳିବ । ଯାହା ଆନ୍ତର୍ଜାତିକ ବିମାନ ଚଳାଚଳକୁ ସୁଗମ କରିବ । ତେବେ କେବେଠୁ ଏହି ବିମାନ ଚଳାଚଳ ହେବ ତାହା ଜଣାପଡିନି ।

## ଅର୍ଥ ହେରଫେରର ମାମଲା: ଚିଟ୍‌ଫଣ୍ଡ ସଂସ୍ଥାର ଦୁଇ ନିର୍ଦ୍ଦେଶକଙ୍କୁ ୭ ବର୍ଷ ଲେଖାଏଁ ଜେଲ



ବାଲେଶ୍ୱର,୨୭।୧୨(ପି.ଏନ): ଅର୍ଥ ହେରଫେର ମାମଲାରେ ଚିଟ୍‌ଫଣ୍ଡ କମ୍ପାନୀ ଶାସ୍ତ୍ର ଏଣ୍ଟରପ୍ରାଇଜର୍ସର ଦୁଇ ନିର୍ଦ୍ଦେଶକ ଓ ଦୁଇଜଣ କର୍ମଚାରୀଙ୍କୁ ଜେଲ ସହ ଜରିମାନା ଦଣ୍ଡାଦେଶ ଦେଲେ ବାଲେଶ୍ୱର ଓପିଆଇଡି କୋର୍ଟ । ଆଜି ମାମଲାର ଶୁଣାଣି କରାଯାଇ ଶାସ୍ତ୍ର ଏଣ୍ଟରପ୍ରାଇଜର୍ସର ପରିଚାଳନା ନିର୍ଦ୍ଦେଶକ ଭି. ସମ୍ପଥ ଏବଂ ବୋର୍ଡ ଅଫ୍ ଡାଇରେକ୍ଟର ବି. ମଲ୍ଲିକାର୍ଜୁନ ରାଜୁଙ୍କୁ ୭ ବର୍ଷ ଲେଖାଏଁ ଜେଲ ସହ ୪ ଲକ୍ଷ ୨୧ ହଜାର ଟଙ୍କା ଲେଖାଏଁ ଜୋରିମାନା କରିଛନ୍ତି କୋର୍ଟ ।ସେହିପରି କମ୍ପାନୀର ଅନ୍ୟ ଦୁଇଜଣ କର୍ମଚାରୀ ସଦାଶିବ ନାୟକ ଓ ତପନ କୁମାର ବାରିକଙ୍କୁ ୩ବର୍ଷ ଲେଖାଏଁ ଜେଲ ଦଣ୍ଡ ସହ ୬୦ ହଜାର ଟଙ୍କା ଲେଖାଏଁ ଜୋରିମାନ କରାଯାଇଛି । ତେବେ ଏହି ମାମଲାରେ ଅଭିଯୁକ୍ତ ଥିବା ଡାକ୍ତର ପାର୍ଥ ସାରଥୀ ଜେନାଙ୍କୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ।୨୦୧୦ ମସିହାରେ ଶାସ୍ତ୍ର ଏଣ୍ଟରପ୍ରାଇଜସ ବାରପଦାରେ ଅଫିସ ଖୋଲି ମୟୁରଭଞ୍ଜ ଓ ଏହାର ଆଖପାଖ ଜିଲ୍ଲାର ଲୋକଙ୍କୁ ଆକର୍ଷିଣୀୟ ସୁଦ୍ଧ ଦେବାର ଲୋଭ ଦେଖାଇ ୪ କୋଟି ୮ ଲକ୍ଷ ୩ ହଜାର ଟଙ୍କା ନେଇଥିଲା । ମାତ୍ର ପରେ ଜମାକାରୀମାନେ ମୂଳ ଟଙ୍କା ବି ଫେରି ପାଇ ନ ଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାର ଲୋକଙ୍କଠାରୁ ଏହି ସଂସ୍ଥା ପ୍ରାୟ ୨୨ କୋଟି ୯୨ ଲକ୍ଷରୁ ଅଧିକ ଟଙ୍କା ଉଠାଇଥିଲା ।ବାରିପଦା ୱାର୍ଡ ନମ୍ବର ୨୦ର କ୍ଷୀରୋଦ ଚନ୍ଦ୍ର ବାରିକ କମ୍ପାନୀ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ । ୨୦୧୦ ନଭେମ୍ବର ୨ ତାରିଖରେ ଉକ୍ତ ଅଭିଯୋଗ ଅଧାରାରେ ବାରିପଦା ଟାଉନ୍ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ୨୦୧୧ରେ କ୍ରାଇମ୍‌ବ୍ରାଞ୍ଚ(ସିବି-ସିଆଇଡି) ମାମଲାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜଣାପଡିଥିଲା ଯେ ଏହି ଠକସଂସ୍ଥା ଓଡିଶାର ମୋଟ ୧୦ ହଜାର ୩୨୭ ଜଣ ଠାରୁ ଟଙ୍କା ଜମା ନେଇଥିଲା । ଯାହା ଭିତରେ ମୟୂରଭଞ୍ଜର ୧୩୫୭ ଜଣ ଜମାକାରୀ ଥିଲେ । ଆଜି ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ୍ ଦାସ ୫୭ ଜଣ ସାକ୍ଷୀଙ୍କ ବୟାନକୁ ରେକର୍ଡ କରି ରାୟ ଶୁଣାଇଛନ୍ତି । ଏହି ଅର୍ଥ ହେରଫେର ମାମଲାରେ ଅନ୍ୟଜଣେ ମୁଖ୍ୟ ଅଭିଯୁକ୍ତ ଏବେବି ଫେରାର୍ ଅଛି । ଜମାକାରୀଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ ।

### ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଡେପୁଟି କଲେକ୍ଟରଙ୍କ ବିଭିନ୍ନ ଠିକଣାରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୨୭।୧୨(ପି.ଏନ): ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ସକାଳୁ ଜଗତସିଂପୁର ଡେପୁଟି କଲେକ୍ଟର ଚିତ୍ତରଂଜନ ପିଲ୍ଲାଙ୍କ ସହ ସମ୍ପର୍କିତ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି । ଭିଜିଲାନ୍ସ ବିଭାଗର ୨ ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଛି । ଏଥିରେ ୧୪ ଜଣ ଇନ୍‌ସପେକ୍ଟର, ୬ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ସାମିଲ ଅଛନ୍ତି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଡେପୁଟି କଲେକ୍ଟର ଚିତ୍ତରଂଜନଙ୍କ ଭୁବନେଶ୍ୱର, ବାଲେଶ୍ୱର, ସୋନପୁର ଓ ଜଗତସିଂହପୁର ଠିକଣାରେ ଚଢ଼ଉ ଜାରି ରହିଛି । ଅଫିସ, ପୈତୃକ ଘର ଓ ସଂପର୍କୀୟଙ୍କ ସମେତ ମୋଟ ୯ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ଉ ଜାର ରଖିଛି । ଚଢାଉ ଜାରୀ ରହିଥିବା କାରଣରୁ ତାଙ୍କର ସମ୍ପତି ସମ୍ପର୍କରେ ସବିଶେଷ ତଥ୍ୟ ମିଳି ନାହିଁ ।

## ବାଇକ୍ ଉପରେ ଓଲଟିଲା ଟ୍ରକ୍, ଚାଲିଗଲା ବାପ-ପୁଅଙ୍କ ଜୀବନ



ଖଲ୍ଲିକୋଟ ,୨୭।୧୨(ପି.ଏନ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ହରିଡାମୂଳ ଛକ ନିକଟରେ ୧୬ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍ ଉପରେ ଏକ ମାଲ୍ ବୋଝେଇ ଟ୍ରକ୍ ଓଲଟି ପଡିବାରୁ ଜଣେ ବ୍ୟକ୍ତି ଓ ତାଙ୍କ ପୁଅଙ୍କ ମୃତ୍ୟୁ ଘଟିଛି ।ମଙ୍ଗଳବାର ସକାଳ ପ୍ରାୟ ୭ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଟ୍ରକ୍‌ଟି କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଟ୍ରକ୍ ଡ୍ରାଇଭରଙ୍କର କିଛି ହୋଇନଥିଲା । ସେ ସୁରକ୍ଷିତ ଭାବେ ଟ୍ରକ୍ ?ରୁ ବାହାରି ଆସିଥିଲେ । ସେହି ଟ୍ରକ୍‌ରେ ତମାଖୁ ବୋଝେଇ ହୋଇଥିଲା । ଟ୍ରକ୍‌ଟି ଓଲଟି ପଡିବା ପରେ ତମାଖୁ ବସ୍ତା ଗୁଡିକ ରାସ୍ତା କଡରେ ଗଦା ହୋଇଯାଇଥିଲା । ତେବେ ସେହି ତମାଖୁ ବସ୍ତା ଗଦା ତଳେ ଏକ ବାଇକ୍ ଓ ଦୁଇ ଜଣ ବ୍ୟକ୍ତି ଚାପି ହୋଇଯାଇଥିଲେ ବୋଲି ଟ୍ରକ୍ ଡ୍ରାଇଭର ଜାଣି ନଥିବା କହିଛନ୍ତି । ତାଙ୍କ ସୂଚନା ମୁତାବକ ଏହି ଦୁର୍ଘଟଣା ଘଟିବା ବେଳେ ଉକ୍ତ ସ୍ଥାନରେ ଘନ କୁହୁଡି ପଡିଥିଲା ।ଟ୍ରକ୍ ?ଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ଖବର ପାଇ ପୁଲିସ୍ ସେଠାରେ ପହଞ୍ଚିଥିଲା । କିନ୍ତୁ ଅଧିକ ଯାଞ୍ଚ କରିବା ପାଇଁ ତତ୍ପରତା ଦେଖାଇ ନଥିଲା । ପରେ ଏହି ଟ୍ରକ୍ ?ରେ ଯେଉଁ ବ୍ୟବସାୟୀଙ୍କ ତମାଖୁ ଯାଉଥିଲା, ସେ କିଛି ଶ୍ରମିକଙ୍କୁ ଉକ୍ତ ବସ୍ତା ଗୁଡିକୁ ଉଠାଇବା ପାଇଁ ପଠାଇଥିଲେ । ଉକ୍ତ ଶ୍ରମିକମାନେ ତମାଖୁ ବସ୍ତା ଗୁଡିକୁ ଉଠାଉଥିବା ବେଳେ ଏକ ବାଇକ୍ ଦେଖିଥିଲେ । ତେଣୁ ସେଠାରେ ଉପସ୍ଥିତ ଲୋକଙ୍କର ସନ୍ଦେହ ହେଲା ଯେ ଅଲଗା କିଛି ଘଟିଛି । ତା'ପରେ ପୁଣି ବସ୍ତା ଉଠାଇଲା ବେଳେ ଏକ ମୃତଦେହ ମିଳିଲା । ଆଉ ସ୍ପଷ୍ଟ ହୋଇଗଲା ଯେ ବାଇକ୍ ଉପରେ ଟ୍ରକ୍‌ଟି ଓଲଟି ପଡିଥିଲା । ଏହା ପରେ ଅନ୍ୟ ଜଣଙ୍କ ମୃତଦେହ ମଧ୍ୟ ମିଳିଥିଲେ ।ମୃତକ ଦ୍ୱୟ ହେଉଛନ୍ତି ବାବୁଲା ପ୍ରଧାନ ଓ ତାଙ୍କ ପୁଅ । ସେମାନେ କୋଦଳା ଥାନା ଅନ୍ତର୍ଗତ ସମା ଗାଁର ବାସିନ୍ଦା ଥିଲେ । ସେମାନେ ମିସ୍ତ୍ରୀ କାମ କରୁଥିଲେ । ଆଜି କାମ କରିବାକୁ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଅନ୍ୟପକ୍ଷରେ ଉକ୍ତ ଦୁର୍ଘଟଣା ସ୍ଥଳରେ ପରେ ଆଉ ଏକ ଟ୍ରକ୍ ଓଲଟି ପଡିଥିଲା । ପ୍ରଥମ ଦୁର୍ଘଟଣାରୁ ପ୍ରାୟ ଘଣ୍ଟାଏ ପରେ ଏହି ଦୁର୍ଘଟଣା ଘଟିଥିଲା । ଏକ କାର୍‌କୁ ଧକ୍କା ଦେଇ ତାହା ଭାରସାମ୍ୟ ହରାଇ ଓଲଟି ପଡିଥିଲା ।

## ରକ୍ତ ରଞ୍ଜିତ ହେଲା ଶୂଳିଆ ପିଠ : ହଜାର ହଜାର ବୋଦା, କୁକୁଡ଼ା, ବତକଙ୍କ ବଳି ପଡିଲା

ବଲାଙ୍ଗିର, ୨୭।୧୨(ପି.ଏନ): ପୁଣିଥରେ ରକ୍ତ ରଞ୍ଜିତ ହେଲା ଶୂଳିଆ ପିଠ । ଆଜି ଦେଓଗାଁ ବ୍ଲକ ମୁକୁନ୍ଦପୁର ପଂଚାୟତ ଅନ୍ତର୍ଗତ ଖଇରଗୁଡା ବଡ ଖଳା ଓ କୁମାରୀଆ ସାନ ଖଳାରେ ପୂଜାର୍ଚ୍ଚନା ପରେ ବଳି ପଡିଛି । ଗତ ରାତିରୁ ନିଶି ପୂଜା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୂଜକ ସୋମନାଥ ଦେହୁରୀ ପୂଜା କରିଛନ୍ତି । ପ୍ରଥମେ ଧଳା କୁକୁଡା ପରେ ଧଳା ପାଟ ବୋଦାକୁ ବଳି ଦିଆଯାଇଥିବା ବେଳେ ଆଜି ଦିନତମାମ ନିଜ ନିଜ ମାନସିକ ଅନୁସାରେ ମାନସିକଧାରୀ ମାନେ କୁକୁଡ଼ା, ବତକ, ଛେଳି, ମେଣ୍ଢା ଓ ମହିଷାଙ୍କ ବଳି ନେଇ ଯାତ୍ରା ପିଠକୁ ବଡି ଭୋରରୁ ଯାଉଥିବା ଦେଖିବାକୁ ମିଳିଥିଲା ।ଚଳିତ ବର୍ଷ ବଳିକୁ କୌଣସି ପ୍ରଶାସନିକ କଟକଣା ନଥିବାରୁ ହଜାର ସଂଖ୍ୟାରେ ବଳି ପଡିଛି । ଯାତ୍ରା ସ୍ଥଳରେ ବିଭିନ୍ନ ଦୋକାନ ବଜାର ବସିଥିବା ବେଳେ ଜିଲ୍ଲା ପୁଲିସ ପ୍ରଶାସନ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଶେଷ ବ୍ୟବସ୍ଥା କରିଛି । ପ୍ରଶାସନ ପକ୍ଷରୁ ମଧ ବିଶେଷ ବ୍ୟବସ୍ଥା କରାଯାଇଛି । କରୋନା ମହାମାରୀ ଯୋଗୁଁ ଦୁଇବର୍ଷ ଧରି ଲୋକଙ୍କ ସମାବେଶ ପାଇଁ କଟକଣା ଥିବା ବେଳେ ଚଳିତ ବର୍ଷ କଟକଣା ନଥିବାରୁ ଯାତ୍ରା ସ୍ଥଳରେ ଲୋକାରଣ୍ୟ ଦେଖିବାକୁ ମିଳିଛି । ଶୂଳିଆ ଯାତ୍ରା ଆଦିବାସୀ ମାନଙ୍କ ପାରମ୍ପରିକ ଯାତ୍ରା ହୋଇଥିବା ଦୃଷ୍ଟିରୁ ଜିଲ୍ଲା ଆଦିବାସୀ ସଂଘ ଓ ଅନ୍ୟାନ୍ୟ ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଛି । ଆଜି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ, ଛତିଶଗଡ ଓ ଝାଡ଼ଖଣ୍ଡ ରାଜ୍ୟରୁ ଏହି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।ଚଳିତ ବର୍ଷ ଶୂଳିଆ ଯାତ୍ରା ପୂର୍ବରୁ ୨୫ ତାରିଖରୁ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଦୁଇଦିନ ଧରି ସ୍ଥାନୀୟ ଜନ ପ୍ରତିନିଧିଙ୍କ ସମେତ କଳାକାର ମାନେ ଯୋଗଦେଇ ନୃତ୍ୟ ଗୀତ ସମେତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶୂଳିଆ ମହୋତ୍ସବ ପ୍ରଥମ ସନ୍ଧ୍ୟାରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଥିଲାବେଳେ ଦ୍ୱିତୀୟ ଦିନ ତହସିଲଦାର ଦେଓଗାଁ ଯୁଗଳ କିଶୋର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମଞ୍ଚ ପଧାନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଯାତ୍ରା କମିଟିର ଅନ୍ୟ କାର୍ଯ୍ୟକର୍ତା ମଂଚାସୀନ ଥିଲେ । ରାବଣ ଭୂମିକାରେ ଅନିଲ ନାଏକ ଦର୍ଶକଙ୍କ ମନୋରଞ୍ଜନ କରିଥିବା ବେଳେ କଳାକାର ମାନେ ଡାଲଖାଇ ଘୁଡୁକା ନାଚି ଲୋକଙ୍କୁ ନଚାଇ ଥିଲେ ।

## ଜଗତସିଂହପୁର ଡେପୁଟି କଲେକ୍ଟର ଚିତରଞ୍ଜନ ପିଲ୍ଲାଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଜଗତସିଂହପୁର, ୨୭।୧୨ (ପି.ଏନ): ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ଆଜି ଜଗତସିଂହପୁର ଡେପୁଟି କଲେକ୍ଟର ଚିତରଞ୍ଜନ ପିଲ୍ଲାଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ । ଏକକାଳୀନ ୯ଟି ସ୍ଥାନରେ ଏହି ଚଢ଼ଉ ହୋଇଛି । ଭୁବନେଶ୍ୱର, ବାଲେଶ୍ୱର, ସୋନପୁର ଓ ଜଗତସିଂହପୁରରେ ଏହି ଚଢ଼ଉ କରାଯାଇଛି । କାର୍ଯ୍ୟାଳୟ ସମେତ ପୈତୃକ ଘର ଓ ସମ୍ପର୍କୀୟଙ୍କ ଘରେ ମଧ ଚଢ଼ଉ ହୋଇଛି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।









# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୭୬)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ଓ୍ୱାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** - କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** - କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** - କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** - ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** - ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** - ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** - ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** - ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** - ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** - ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** - କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** - ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଚାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଡିସେମ୍ବର ୨୮

# ବ୍ରହ୍ମ ଅନୁଭବର ସୋପାନ



ସବୁ ବିଷୟରେ ସୋପାନ ଅଛି। ସୋପାନ ଅର୍ଥ ପାହାଚ। କୌଣସି ବ୍ୟକ୍ତି ତାଙ୍କର ଘରକୁ ଆସିଲେ ଘର ବାହାରିଲେ ଯାନରେ ଉଠିଲେ ବା ଓହ୍ଲାଇଲେ, ସୋପାନ ଧରିବାକୁ ହିଁ ପଡୁଛି। ଏମିତି ତନ୍ତ୍ରକୁ ଅନୁଧ୍ୟାନ ଭାବରେ କଲେ ଏଥିରେ ଅଛି ୨୨ଟି ପାହାଚ, ଚିତ୍ରୁ ବିଷ୍ଣୁମାୟା ଚିତ୍, ଚୈତନ୍ୟ ସମ୍ବନ୍ଧ ଶବ୍ଦ, ବିଷ୍ଣୁମାୟା ଓ ବ୍ରହ୍ମାଙ୍କୁ ଆଗୋଚର ଛାର ମନୁଷ୍ୟ ଏହାକୁ ଭେଦ କରି ନପାରନ୍ତି। ମହାସାଧକ ଶିବ ଏହି ପାହାଚ ସୋପାନରେ ଶେଷ ପର୍ଯ୍ୟନ୍ତ ଉଠିବାକୁ ସମର୍ଥ ପାଇଁ ସଦା ସାଧନାରତ। ତେବେ ମନୁଷ୍ୟ କ'ଣ କେବଳ ବିଳାସ ବ୍ୟସନ ଚାକିରୀ ରୋଜଗାର ପିଲା ଜନ୍ମ ପିଲାର ଲାଳନ ପାଳନ ଗୃହ ନିର୍ମାଣ ଗାଡ଼ି ଚଢ଼ାରେ ସମୟ ଦେଇ ଚାଲିବ କି? ସର୍ବତ୍ର ମୋହ ଗ୍ରାସ ରହିଛି। ଅଳିକ ଜୀବନରେ ସବୁ ସୁଖ ଭୋଗ ଯେ ଅଳିକ କେହି ଭାବିବା ଉପରେ ନାହାଁନ୍ତି।

ଦେବୀ ମାଆ ପାର୍ବତୀ ନିତ୍ୟ ରୋଷେଇଶାଳରେ ଦିବ୍ୟାନ୍ନ ପାକ କଲାବେଳେ ଦିବ୍ୟ ବିଷ୍ଣୁ ସହସ୍ର ନାମ ମୁଖରେ ଉଚ୍ଚାରଣ କରି ପାକ କାର୍ଯ୍ୟ କରୁଥିଲେ। ଗୋବିନ୍ଦ ଉଚ୍ଚାରଣ କରି ଗୋପୀମାନେ ନିତ୍ୟ ଧନ୍ଦା ଲିପ୍ତ ରହୁଥିଲେ। ବୃନ୍ଦାବନରେ ଏବେ ବି ପ୍ରଶ୍ନ ଉତ୍ତରରେ ଡକା-ହକାରେ ରାଧେ କୃଷ୍ଣ ବା କୃଷ୍ଣ ରାଧେ ଲାଗୁଛି। ଇସଲାମ ଧର୍ମର ଦୁଇ ବ୍ୟକ୍ତି ଭେଟ ହୋଇଗଲେ ସାଲାମ ଆଲେକୁମ୍ ଓ ଆଲେକମ୍ ସାଲାମ ବାକ୍ୟ ଆରମ୍ଭରେ ସମ୍ଭାଷଣ କରୁଛନ୍ତି। ନାରଦ ସର୍ବତ୍ର ନାରାୟଣ ଉଚ୍ଚାରଣରେ ଓ ପକ୍ଷୀରାଜ ଗରୁଡ଼ ଭଗବାନଙ୍କୁ ବହନକରି ଗଲାବେଳେ ତାଙ୍କ ପକ୍ଷରୁ ସ୍ୱତଃ ବାହାରେ ନାରାୟଣମ୍ ତୁଭ୍ୟଂ ନମଃ। ହନୁମାନ ଜୟଶ୍ରୀରାମ କରି ଯାତ୍ରା ଆରମ୍ଭ ବା ଶେଷ କରନ୍ତି। ଶିଖମାନେ ସତ୍‌ଶ୍ରୀ ଅକାଳ ସମ୍ଭାଷଣରେ ଲଗାଉଛନ୍ତି। ନାଦ ବ୍ରହ୍ମ 'ଓଁ' ଅନେକ ମନ୍ତ୍ରରେ ଆଦ୍ୟ ପ୍ରୟୋଗ ପୁରୋହିତମାନେ କରୁଛନ୍ତି। ଶ୍ରୀଗଣେଶ ଉଚ୍ଚାରଣରେ କାର୍ଯ୍ୟାରମ୍ଭ କରାଯାଉଛି। ଶୈବମାନେ ଶିବ ପଞ୍ଚାକ୍ଷର ନମଃ ଶିବାୟ, ଗାୟତ୍ରୀ ଉପାସକମାନେ ଚବିଶ ଅକ୍ଷର ଗାୟନ କରି ଚାଲୁଛି। ନାରାୟଣ ତନୁତ୍ୟାଗେ ଲାଗୁଛି ମରଣ ସମୟ ବ୍ୟକ୍ତି ଆସିବା ବୋଧ ହେଲେ ନାରାୟଣ ଉଚ୍ଚାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ଆରମ୍ଭ କରିବାବେଳେ ନାରାୟଣ ଉଚ୍ଚାରଣ ପାଇଁ ବାକ୍ୟ ରହିଛି। ପ୍ରତି ବୈଷ୍ଣବ ସମ୍ପ୍ରଦାୟରେ ଗୁରୁଦତ୍ତମନ୍ତ୍ର ଗ୍ରହଣ ପରମ୍ପରା ଅଛି। ସେ ମନ୍ତ୍ର ହିଁ ତାରକ ମନ୍ତ୍ର ତାରକ ଅର୍ଥ ଯେ ତାରଣ କରେ। ସାଧକମାନଙ୍କର ମତ୍ତ ସାଧନ କ୍ରିୟାରେ ମତ୍ତ ପଛପଟୁ ଗୁରୁଙ୍କର ବୋଲି ରହୁଛି, ସର୍ବଂ ମିଥ୍ୟା ଜପଂ କରୁଃ। ତାରକ ମନ୍ତ୍ର ପ୍ରୟୋଗ ବେଳେ ଆସେ ବିଭିନ୍ନ ବିକାର ଭ୍ରାନ୍ତି, ଭ୍ରାନ୍ତି ଜପ ତପ ଭ୍ରଷ୍ଟ କରାଇପାରେ ଏ ପାଇଁ ଗୁରୁଙ୍କର ବୋଲି ଏକ ବଜ୍ରବାଣ ପରି ପୁଣି ରାସ୍ତାରେ ଜପ ତପକୁ ଆଗେଇ ନିଏ। ଭଗବାନଙ୍କର ସର୍ବନାମ। ଯେଉଁ ନାମରେ ଗୁରୁନାମ ଜଡ଼ିତ ତାହିଁ ବ୍ୟକ୍ତି ପାଇଁ ନିର୍ଦ୍ଦିଷ୍ଟ ତାରକମନ୍ତ୍ର ହେଲେ ବହୁ ଲୋକରେ ବାପାକୁ ପୁଅ ପାଉନାହିଁ ସେ ନିଶ୍ଚେ ଡାକିବ ବାପା ମୁଁ ଡାକୁଛି। ଏହି ଲୋକଗହଳି ଯେଉଁଠାରେ ଲାଗିବା ଦେଖାଯାଏ ତାହା ହାଟ ଯାତ୍ରାସ୍ଥଳୀ ଏଠାରେ ବାପ-ପୁଅ ବା ମାଆ-ପୁଅ ଅଲଗା ଅକସ୍ମାତ୍ ହୋଇ ଯାଇ ପରସ୍ପରକୁ ଡାକିବା ଯେମିତି ଦେଖାଯାଏ ସେମିତି ଭଗବାନ ଭକ୍ତ ଏମିତି ଡକାଡକି ସ୍ତର ଅଛି। ଏ ସଂସାର ବଡ଼ ହାଟ ଏଠାରେ ହଟଗୋଳ ଅନେକ। ଏକ ଈଶ୍ୱରଙ୍କ ଅନେକ ନାମ ଅନେକ ଲୀଳା, ଅନେକ ରୂପ, ତାଙ୍କର ଏହି ଲୀଳା ସହଚର ବି ଅନେକ। ଯେତେବେଳେ ଅରୂପ ରୂପ ନେବା ବୋଧ ହୁଏ ତେବେ ବେଳେ ସେ ଅନେକ ବିହ୍ୱ ମଧ୍ୟରେ ଅବଶ୍ୟ ରହିବାକୁ ପଡ଼ିଥାଏ ତେବେ ଅରୂପ ସବୁ ଭାଷା ବୁଝନ୍ତି ସବୁଡ଼ାକ ଶୁଣନ୍ତି ସବୁ ଭାବ ଗ୍ରହଣ କରନ୍ତି। ତାଙ୍କୁ ଡାକିବା ପାଇଁ ଏଇ ମନୁଷ୍ୟ ଏକ ହରିହାଟ ସୃଷ୍ଟି କରିଥାନ୍ତି। ହାଟ ଲାଗିବା ଓ ହାଟ ଭାଙ୍ଗିବା ସମୟ ବଣିକ ଖାଉଟିଙ୍କ ପାଇଁ ଅଛି କିନ୍ତୁ ପ୍ରକୃତି ହରିହାଟ ଏମିତି ସମୟରେ ଆସେ ନାହିଁ। ତେବେ ମାନବୀୟ ସୁବିଧା ପାଇଁ ପର୍ବ ଦିନ, ଛୁଟିଦିନ ବା ସ୍ୱକୀୟ କିଛି ସ୍ମରଣୀୟ ଦିବସ ବଛାଯାଇ ଏକ ହରିହାଟ ବସାଯାଇପାରେ। ହରିହାଟରେ ଅଖଣ୍ଡ କୋଳାହଳମୟ ନାମ ଭଜନ କୀର୍ତ୍ତନ ଚାଲେ, ରାମକୃଷ୍ଣ, ଗଣେଶ, କାର୍ତ୍ତିକେୟ ଶିବ ଦୁର୍ଗା ପରି ନାମ ଏହି କୋଳାହଳରେ ଶୁଣାଯାଏ। ଯାହା ଏକାଗ୍ରଚିତ୍ତରେ ଶୁଣୁଥିବା ବା ଗାଉଥିବା ବ୍ୟକ୍ତିଙ୍କର କର୍ଣ୍ଣ ଓ ପାଟି ଦେବତା ନାମରେ ଅମୃତମୟ ହୋଇଯାଏ। ହାତ ତଳ ଦେଇ ଆହୁରି ନାମ ସେବାରେ ପବିତ୍ରୀକରଣ ହୋଇଯାଏ। ଯେଉଁ ସମୟ ଏହି ଦେବଧ୍ୱନୀରେ ଲାଗୁଛି ଏହି ସମୟ ମାନବୀୟ ସମୟ କେବେ ନୁହଁ ଏହା ଦୈବୀ ସମୟ, ଦୈବୀ ସମୟରେ ମାନବୀୟ ସମୟ ମାତ୍ର କେତେ ଭଗ୍ନ ଅଂଶ ମାତ୍ର। ସେ ସ୍ଥାନରେ ଶୁଦ୍ଧି ତ ହୁଏ, ହେଲେ ଶବ୍ଦର ନାଦ ସେ ସ୍ଥାନରୁ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ସେହି ସମୟରୁ ତରଙ୍ଗାୟିତ ହୋଇ ଚାରିପଟ ନୁହଁ ବୃତ୍ତ ସଦୃଶ ମେଖଳା ବନି ଆଗେଇ ଚାଲେ। ସ୍ଥାନଟି ମେରୁ ତତ୍‌କାଳ ବୋଧ ହୁଏ। ସାଇ ଭଜନରେ ସବୁ ଧର୍ମର ସବୁ ସମ୍ପ୍ରଦାୟର ଉପାସକଙ୍କର ନାମ ଧରାଯାଏ। ଏହା ପ୍ରକୃତରେ ସର୍ବଧର୍ମବାଦର ଉପାସନା, ଏଥିରେ କାହାକୁ ବୋଲିବାକୁ ଶୁଣିବାକୁ ବିଧି ନିଷେଧ ନାହିଁ। ଆମ ରାଜ୍ୟ ଜଗନ୍ନାଥଙ୍କ ବିଳାସ ଭୂମି। ଏଠାରେ ଦିଅଁଙ୍କ ରଥଯାତ୍ରାରେ ଏପରି କାହାକୁ ଦର୍ଶନ ବାରଣ ନାହିଁ। ଏକାଗ୍ରତା ପାଇଁ ଅନେକ ଉପାୟ ଅଛି ଯଥା ଏକ ପତ୍ନୀବ୍ରତ, ଏକ ସ୍ୱାମୀବ୍ରତ, ଏକ ଗୁରୁବ୍ରତ, ଏକ ବିଦ୍ୟାବ୍ରତ, ଏକ ମନ୍ତ୍ରବ୍ରତ ସେମିତି ଏକ ଧର୍ମବ୍ରତ ଏକ ଦିଅଁବ୍ରତ। ହେଲେ ଏ ସଂସାରେ କେବଳ ଚାଷ କରିବା, କେବଳ ଚାକିରୀ କରିବା, କେବଳ ପ୍ରଶାସକ ହେବା, କେବଳ ଆଦେଶ ଦେବା, ଏମିତି ଚଳେନାହିଁ। ଏଣୁ ଏକ ନିୟମରେ କିଛି ବଦଳାଇ ପୁଣି ତାକୁ ସୀମାରେ ରଖି ଯେ କେହି ସଂସାରରେ ଜୀବନ ନିର୍ବାହ କରିପାରନ୍ତି। ଚିଡ଼ା ପାଇଁ ଆତଙ୍କ। ସମସ୍ତଙ୍କର ଅଛି। ଚିତ୍ତରେ ଅନେକ ଭ୍ରାନ୍ତି ଆସେ, ଏକ ଦ୍ରବ୍ୟ ଏକ ଆହରଣ ପରେ ଅନ୍ୟ ଦ୍ରବ୍ୟ ଆହରଣ ପାଇଁ ବ୍ୟଗ୍ର ଭାବ ଆସୁଛି। ଏପରି ମୋହ ବଢ଼ି ବଢ଼ି ଚାଲୁଛି। ଏହି ସବୁରେ ଜଡ଼ିତ ରହିଲେ ଜନ୍ମର ମୂଳ ଉଦ୍ଦେଶ୍ୟ ଲୋକେ ଭୁଲି ଯାଆନ୍ତି। ଦିବ୍ୟଜ୍ଞାନ ଭାବନା ଉଭେଇ ଯିବା ଦ୍ୱାରା ଗୋବିନ୍ଦ ଭାବ ବିଲୁପ୍ତ ହୋଇଯାଏ। ହେଲେ ସେ ସମସ୍ତ ସମ୍ପତ୍ତିର ମାଲିକ ଏମିତି ସେ ସମସ୍ତଙ୍କର ପିତାମାତା ଦୁଃଖରେ ସେ ନିଶ୍ଚେ ଭାଗୁଆଳୀ। ହୃଦୟରେ ଚିନ୍ତା କେବଳ ଭଗବାନଙ୍କ ସବୁବେଳେ ରହିବା ଅସମ୍ଭବ ବୋଧ ହୁଏ। ମାତ୍ର ସାଧନାରେ ଅନେକ ସିଦ୍ଧି ହୋଇପାରେ। ଦେଖନ୍ତୁ ଡ୍ରାଇଭର ଆଗକୁ ଚାହିଁଛନ୍ତି ପଛ ଗାଡ଼ିକୁ ପାର୍ଶ୍ୱ ଦେବାକୁ ଡାହାଣ ବାମପଟ ଆଇନାକୁ ଦେଖୁଛନ୍ତି ପଛଗାଡ଼ିର ସଙ୍କେତ ହର୍ଣ୍ଣ କାନରେ ଶୁଣୁଛନ୍ତି ଏଣେ ରାସ୍ତାର ବାଙ୍କ ଟାଙ୍କ ପାଇଁ ହେଣ୍ଡେଲ ଚକ୍ରକୁ ଘୁରାଉ ରାସ୍ତାରେ ଯାନଗତିକୁ ରାସ୍ତାର ନିୟମରେ ଚଳାଉଛନ୍ତି। ଗୋଡ଼ରେ ବ୍ରେକ କ୍ଲଚ କାମ ବି ସମୟ ଅନୁସାରେ କରୁଛନ୍ତି। ଏହା ସବୁ ନିଶ୍ଚେ ସାଧନାଫଳ। ଏପରି ବିଦ୍ୟାର୍ଜନରେ ବିଭିନ୍ନ ବିଷୟରେ ଏକ ସାଙ୍ଗରେ ଜ୍ଞାନାର୍ଜନ କରିବା ପାଇଁ ମାଟ୍ରିକ ପର୍ଯ୍ୟନ୍ତ ଏମିତି ସାଧନା, ଗଭୀର ଚିନ୍ତା ଲଗାଇ କାର୍ଯ୍ୟ ହାସଲ ମନ ଦେଲେ ଯାଇ ସବୁ ହୋଇପାରେ। ଭଗବାନ ଏପରି ଯେ ମିଳିଗଲେ ଆଉ କିଛି ଦରକାର ପଡ଼ିବ ନାହିଁ ଏପରି ସାଧନା ପାଇଁ ସଂସାରୀ ଓ ସନ୍ୟାସୀ ଉଭୟଙ୍କ ପାଇଁ ପଥ ଅଛି। ଜଟିଳ ପଥରେ ସଂସାରୀ ଯାଇପାରିବେ ନାହିଁ। ଭଗବାନ ଚୈତନ୍ୟଙ୍କ ମାର୍ଗ କଳିରେ ନାମ ସଂକୀର୍ତ୍ତନ। ପରେ ରାଧାରମଣ ଦେବ, ରାମ ଦାସ ମହାରାଜ ଓ ପରେ ପରେ ନାମାଚାର୍ଯ୍ୟ ବାୟା ଏହି ନାମ ଜପ କୀର୍ତ୍ତନ ଧାରାରେ ଚମତ୍କାରମାନ ଦେଖାଇ ଅଛନ୍ତି। ସିଦ୍ଧି ଅନେକ ଭଗବାନଙ୍କ ନାମ ଭଜନ ଅର୍ଚ୍ଚନ କୀର୍ତ୍ତନ ଜଣାଣ ଏ ମଧ୍ୟରେ ଅନ୍ୟ ଏକ ଏକ। ଯଦି କେହି ଶାନ୍ତି ଚାହୁଁଛନ୍ତି। ଚିନ୍ତାରେ ଚିନ୍ତାମଣୀଙ୍କ ନାମ ସାମିଲ କରନ୍ତୁ, ଅନେକ ସିଦ୍ଧି ମନକୁ ମନ ଦେଖାଯିବ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
*ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ସନ୍ତ୍ରାସବାଦୀ ସାମ୍ବାଦିକ

ସୌମେନ୍ଦ୍ର ଜେନା



ଗତ କିଛିଦିନ ପୂର୍ବେ ସାମ୍ବାଦିକତାରେ କିପରି ସନ୍ତ୍ରାସବାଦ ଚାଲିଛି ତାର ଅଳ୍ପ କିଛି ଉଦାହରଣ ଆମେ ଦେଇଥିଲୁ । ଏବେ ସାମ୍ବାଦିକ କିପରି ନିଜେ ସନ୍ତ୍ରାସବାଦୀ ହୋଇ କାର୍ଯ୍ୟ କରୁଛି, ତାର ଦୃଷ୍ଟାନ୍ତ ଜାମ୍ମୁ-କାଶ୍ମୀରରେ ଦେଖିବାକୁ ମିଳିଛି । ଘଟଣା ହେଲା ଶ୍ରୀନଗରର କିଛି ସାମ୍ବାଦିକଙ୍କୁ ଭାରତର ଗଣମାଧ୍ୟମରେ କାର୍ଯ୍ୟ ନକରିବା ପାଇଁ ଧମକ ଆସି ପହଞ୍ଚିଲା ପରେ ପ୍ରାୟ ୬ଜଣ ସାମ୍ବାଦିକ ନିଜ କାର୍ଯ୍ୟରୁ ଓହରିଯିବା ପାଇଁ ଗଣମାଧ୍ୟମ ସଂସ୍ଥାକୁ ଲେଖିଲେ । ଅତୀତ ଦିନମାନଙ୍କରେ ସନ୍ତ୍ରାସବାଦୀମାନଙ୍କ ଟାର୍ଗେଟରେ ସାମ୍ବାଦିକମାନେ ରହିଥିବା କଥା ପ୍ରେସ ଗିଲଡଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ସାମ୍ବାଦିକ ସଂଗଠନଗୁଡ଼ିକ ମଧ୍ୟ ଅଭିଯୋଗ କରୁଥିଲେ । କିନ୍ତୁ ସେମାନଙ୍କ ସହ ଏକଦା କାର୍ଯ୍ୟ କରୁଥିବା ବନ୍ଧୁ ଜଣେ କିପରି ବିଦେଶରୁ ସନ୍ତ୍ରାସବାଦୀ ସଂଗଠନ ନାମରେ ଧମକ ଦେବାରେ ଲାଗିଛି ତାହାର ପ୍ରମାଣ ଏବେ ମିଳିଛି । ମୁଖତାର ବାବା ନାମକ ଜଣେ କାଶ୍ମୀରୀ ସାମ୍ବାଦିକ ୨୦୧୮ରୁ ଭାରତରୁ ଫେରାର ହୋଇ ପାକିସ୍ତାନକୁ ଚାଲିଯାଇଥିଲା । ପରେ ସେଠାରୁ ତୁର୍କୀକୁ ଯାଇ ସ୍ଥାୟୀ ଭାବେ ବାସ କରୁଛି । ଏବେ ତୁର୍କୀରେ ରହି ସେ ଧମକ ଦେବାରେ ଲାଗିଛି । ଶ୍ରୀନଗରର ଶେଖ ଆଲବ କଲୋନୀରେ ମହମ୍ମଦ ୟାସିନ ବାବାଙ୍କ ଘର, ମୁଖତାର ତାଙ୍କ ପୁଅ । ୧୯ ନଭେମ୍ବର ୨୦୨୨ ଦିନ ପୁଲିସ ଏହି ମାମଲାରେ ଶ୍ରୀନଗର, ଅନନ୍ତନାଗ, କୁଲଗାମର ୧୨ଟି ସ୍ଥାନରେ ଚଢାଉ କରି ଖାନତଲାସ ଚଳାଇଥିଲେ । ୧୨ ନଭେମ୍ବର ଦିନ ପୁଲିସ ଏହାକୁ ନେଇ ଏକ ଅଭିଯୋଗପତ୍ର କରିଥିଲା । ପାକ୍‌ର ଆଇଏସ୍‌ଆଇ ପାଇଁ କାର୍ଯ୍ୟ କରୁଥିବା ମୁଖତାର ଅନେକବାର ପାକିସ୍ତାନକୁ ଗସ୍ତ କରିଥାଏ । ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନାମକ ଏକ ସନ୍ତ୍ରାସୀ ସଂଗଠନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ମନରେ ଭୟସଂଚାର କରିବା ପାଇଁ ବୁଖାରୀ ଏହି କାର୍ଯ୍ୟ କରିଥିବା କଥା କୁହାଯାଉଛି । ତେବେ ବୁଖାରୀ କାର୍ଯ୍ୟରେ ଦେଶବିରୋଧୀ ଗୋଷ୍ଠୀରେ କାଶ୍ମୀରର ୪ଜଣ ସାମ୍ବାଦିକ ମଧ୍ୟ ରହିଛନ୍ତି, ଯେଉଁମାନଙ୍କୁ ପୁଲିସ ଚିହ୍ନଟ ମଧ୍ୟ କରିସାରିଲାଣି । ଏହି ୪ଜଣ ସାମ୍ବାଦିକ ବ୍ୟତୀତ ଅନ୍ୟ ଦୁଇଜଣ କର୍ମଚାରୀ ମଧ୍ୟ ବୁଖାରୀ ସହ ସଂପର୍କରେ ରହି ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରୁଛନ୍ତି । ସନ୍ତ୍ରାସବାଦୀ ବୁଖାରୀର ସନ୍ତ୍ରାସକୁ ଗଣମାଧ୍ୟମ ସାହାଯ୍ୟରେ ପରିବ୍ୟାପ୍ତ କରୁଥିବା ୪ଜଣ ସହଯୋଗୀ ସାମ୍ବାଦିକ ହେଲେ ଗୌହର ଗିଲାନି, ପିତା ନାଜିର ଅହମ୍ମଦ ଶାହ, ବାସସ୍ଥାନ- ନୌସେରା, ସଜ୍ଜାଦ ଅହମ୍ମଦ ଶେଖ, ପିତା- ଘୁଲାମ ମହମ୍ମଦ ଶେଖ, ବାସସ୍ଥାନ- ରୋଜ୍ ଆଭିନ୍ୟୁ କଲୋନୀ, ଏଚ.ଏମ.ଟି, ଶ୍ରୀନଗର; ୱାସିମ ରାଜା, ଚିନାର କଲୋନୀ, ରନଗ୍ରେଥ, ଶ୍ରୀନଗର ଏବଂ ସଜ୍ଜାଦ ଅହମ୍ମଦ କାଲଥାରୀ, ରୈନାୱାଡୀ, ଶ୍ରୀନଗର । ଏବେ ପୁଲିସ ଏମାନଙ୍କ ଘର ଖାନତଲାସ କରି ବୁଖାରୀ ସହ ସଂପର୍କ ଥିବା ସ୍ପଷ୍ଟ ପ୍ରମାଣ ପାଇଛି । ବୁଖାରୀ ୯୦ଦଶକରେ ହିଜବୁଲ୍ଲା ଗୋଷ୍ଠୀରେ ସକ୍ରୀୟ ରହିଥିଲା । ଶ୍ରୀନଗରର ସାମ୍ବାଦିକମାନଙ୍କୁ ପାକ୍ ଓ ଆଇଏସ୍‌ଆଇର ସ୍ୱାର୍ଥରେ କାର୍ଯ୍ୟ କରିବାକୁ ଚାପ ପକାଉଥିବା ମସରତ ଆଲାମର ବୁଖାରୀ ସହଯୋଗୀ ରହିଥିଲା । ବୁଖାରୀକୁ ଗିରଫ କରାଯାଇ ଜାମ୍ମୁର କୋଟ ଭଲୱାଲ ଜେଲରେ ରଖାଯାଇଥିଲା । ସେଠାରୁ ମୁକୁଳିବା ପରେ ତୁର୍କୀକୁ ଚାଲିଯିବାକୁ ଯୋଜନା କଲା । ସେଥିରେ ମେହେମୁବା ମୁଫତିଙ୍କର ଏକ ପ୍ରକାର ସହଯୋଗୀ ହୋଇ କାର୍ଯ୍ୟ କରୁଥିବା କାରିନ ଯୋଧା ଫିସର ନାମକ ଆମେରିକାର ଜର୍ମାନୀ ମୂଳର ମହିଳା ସାହାଯ୍ୟ କରିଥିଲା । ଭାରତକୁ ପର୍ଯ୍ୟଟନ ଭିସାରେ ଆସି ସମୟାବଧି ଅତିକ୍ରମ ପରେ ସେ ରହୁଥିଲା । କାଶ୍ମୀରରେ ରାଜନେତା ଏବଂ ସନ୍ତ୍ରାସବାଦୀମାନଙ୍କ ମଧ୍ୟରେ ସଂପର୍କ ବୃଦ୍ଧି ପାଇଁ ସେ କାର୍ଯ୍ୟ କରୁଥିଲା । ଜାମ୍ମୁ-କାଶ୍ମୀରରେ ୮ ବର୍ଷ କାଳ ରହି ସେ କାର୍ଯ୍ୟ କରି ଆସୁଥିଲା । ୨୦୧୬ରେ ଅଜିତ ଡୋଭାଲଙ୍କ ରିପୋର୍ଟ ଅନୁଯାୟୀ ତାକୁ ଦେଶରୁ ବାହାର କରାଯାଇଥିଲା ।

ବୁଖାରୀ କାଶ୍ମୀରରେ ଦୁଇଜଣ ସରକାରୀ କର୍ମଚାରୀ ଏବଂ ୪ ସାମ୍ବାଦିକଙ୍କ ସହ ସଂପର୍କ ରକ୍ଷାକରି ଆଇଏସ୍‌ଆଇ ଅର୍ଥ ସହଯୋଗୀଙ୍କ ନିକଟକୁ ପଠାଇବା ସହ ଘାଟୀରେ ଅସୁରକ୍ଷାର ବାତାବରଣ ସୃଷ୍ଟି ପାଇଁ ପ୍ରୟାସ ଚଳାଇ ଆସୁଥିଲା । କେତେକ ସୋସିଆଲ ମିଡିଆରେ ତଥାକଥିତ ହିଟଲିଷ୍ଟରେ ଥିବା ସାମ୍ବାଦିକମାନଙ୍କ ନାମ ପ୍ରସାରିତ ହେବା ପରେ କାଶ୍ମୀରର କେତେକ ସାମ୍ବାଦିକ ନିଜ କାର୍ଯ୍ୟରୁ ଇସ୍ତଫା ଦେଇଥିଲେ । ସେହି ତାଲିକାରେ ୧୧ଜଣ ସାମ୍ବାଦିକଙ୍କୁ ପ୍ରତାରଣାକାରୀ ବୋଲି କୁହାଯାଇଥିଲା । ପାକ୍‌ର ଲସ୍କର ଗୋଷ୍ଠୀରୁ ମଧ୍ୟ ଧମକ ମିଳିଥିଲା । ପାକ୍‌ର ଆଇଏସ୍‌ଆଇ ଅର୍ଥରେ କାଶ୍ମୀର ଗଣମାଧ୍ୟମରେ ଏକ ପାକ୍‌ବାଦୀ ସାମ୍ବାଦିକ ଗୋଷ୍ଠୀକୁ ମୁଖତାର ଗଢିଥିଲା । ଶ୍ରୀନଗରର ନିବାସୀ ମୁଖତାର ନାଓଗାମ୍ ବିକେପୁରାଠାରେ କାର୍ଯ୍ୟ କରୁଥିଲା । ପରେ ସେ ପାକିସ୍ତାନ ଚାଲିଯାଇ ସେଠାରୁ ତୁର୍କୀକୁ ପଳାଇଥିଲା । ହିଜବୁଲ ମୁଜାହିଦୀନ ପାଇଁ କାଶ୍ମୀରରେ କାର୍ଯ୍ୟ କରୁଥିବା ମୁଖତାର ସନ୍ତ୍ରାସବାଦୀଙ୍କୁ ୪୦ଟି ଏକେ ୪୭ ବନ୍ଧୁକ ବିକ୍ରି କରି ବହୁ ଅର୍ଥ ସଂଗ୍ରହ କରିଥିଲା । ୧୯୯୦ରେ ତାକୁ ଗିରଫ କରାଯାଇଥିଲା । କିନ୍ତୁ ଗୋଟିଏ ମାସରେ ବାହାରକୁ ଆସି ସେ ମୁସାରତ ଆଲାମଙ୍କ ମୁସଲିମ ଲିଗରେ ସାମିଲ ହୋଇଥିଲା । ମୁସାରତଙ୍କ ଗୋଷ୍ଠୀ କାଶ୍ମୀରରେ ଟେକାଫିଙ୍ଗା ପାଇଁ ଯୋଜନା କରୁଥିଲେ । ମୁଖତାର ଗ୍ରେଟର କାଶ୍ମୀର, କାଶ୍ମୀର ଅବଜରଭର, ସିଏନ୍‌ଏସ୍ ପରି ସଂସ୍ଥା ପାଇଁ କାର୍ଯ୍ୟ କରିଥିଲା । କାଶ୍ମୀର ପୁଲିସ ମୁଖତାର ପାଇଁ କାମକରିବା ସନ୍ଦେହରେ ମହମ୍ମଦ ରଫି (ନିଗେନ), ଖାଲିଦ ଗୁଲ (ଅନନ୍ତନାଗ), ରସିଦ ମକବୁଲ (ଲାଲ ବଜାର), ମୋମିନ ଗୁଲଜାର (ଇଦ୍‌ଗା), ବସିତ ଦାର (କୁଲଗାମ), ସଜ୍ଜାଦ କ୍ରାଲ୍ୟାରୀ (ରୈନାୱାଡୀ), ଗୌହର ଗିଲାନୀ (ସୌରା), କାଜି ସିବଲୀ (ଅନନ୍ତନାଗ), ସଜ୍ଜାଦ ଶେଖ ଓରଫ୍ ସଜ୍ଜାଦଗୁଲ (ଏଚ୍‌ଏମ୍‌ଟି , ଶ୍ରୀନଗର), ୱାସିମ ଖାଲିଦ (ରାୱଲପୁରା), ଆଦିଲ ପଣ୍ଡିତ (ଖାନୟାର, ଶ୍ରୀନଗର)ଙ୍କ ଘର ଖାନତଲାସ କରିଥିଲା । ଏଥିରେ ମୋବାଇଲ, ଲାପଟପ୍, ମେମୋରୀ କାର୍ଡ, ପେନ୍ ଡ୍ରାଇଭ, ବ୍ୟାଙ୍କ ଜମାଖାତା, ରବରଷ୍ଟାମ୍ପ, ପାସପୋର୍ଟ, ନଗଦ ଟଙ୍କା, ସାଉଦି ଆରବର ମୁଦ୍ରା ଆଦି ଜବତ ହୋଇଛି ।

ସନ୍ତ୍ରାସୀ ମୁଖତାରର ସହଯୋଗୀ ଏବଂ ଭାରତରୁ ବିତାଡିତ ଆମେରିକୀୟ ମହିଳା କାରିସ ଫିସର ୨୦୦୬ରେ ଭାରତକୁ ଆସି ଜୁନ ୨୦୧୬ ପର୍ଯ୍ୟନ୍ତ କାଶ୍ମୀରରେ ରହି ପାକ୍‌ର ଏଜେଣ୍ଡା ଚଳାଇଥିଲା । ଜୁନ ୨୦୨୦ରେ ଚିନାର କନ୍‌ସଲ୍‌ଟିଂ ଗ୍ରୁପ ଏବଂ ମଇ ୨୦୨୦ରେ କାଶ୍ମୀର ଆକସନ୍ ନେଟୱାର୍କ (କାନ) ନାମରେ ଦୁଇଟି ଲବିଂ ସଂସ୍ଥା ୱାସିଂଟନରେ ଖୋଲି ଭାରତ ବିରୋଧୀ ପ୍ରଚାର ପାଇଁ ବିଲାଲ ଅହମ୍ମଦ ଗଫର ନାମକ ସିନ୍ଧ ପ୍ରଦେଶର ପିଟିଆଇ ଦଳର ବିଧାୟକଙ୍କଠାରୁ ବରାଦ ଅର୍ଥ ପାଇସାରିଛି । ଭାରତରେ ରହିବା କାଳରେ ଫିସର ସୀମା ନିକଟବର୍ତ୍ତୀ ଜିଲ୍ଲା ବାରମୂଳାର ରଫିଆବାଦ ସହରରେ ରଫିଆବାଦ ରୁରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ନାମକ ଏକ ଏନ୍‌ଜିଓକୁ ଚଳାଉଥିଲା । ଏବେ ଭାରତ ବିରୋଧୀ ପ୍ରଚାର କରିବାକୁ ସେ ପାକ୍ ମୁଦ୍ରାରେ ବାର୍ଷିକ ୧.୩୨ କୋଟି ଅର୍ଥ ପାଇବ । ଏଥିପାଇଁ ପାକ୍ ସରକାର ଏବଂ ଫିସର ମଧ୍ୟରେ ବୁଝାମଣା ହୋଇସାରିଛି । ଆମେରିକାର ଗଣମାଧ୍ୟମ ଏବଂ ରାଜନେତା (ସାଂସଦ)ମାନଙ୍କ ମଧ୍ୟରେ କାଶ୍ମୀର ସଂକ୍ରାନ୍ତରେ ଭାରତ ବିରୋଧୀ ପ୍ରଚାର ଚଳାଇବାକୁ ଉକ୍ତ ଅର୍ଥ ପ୍ରଦାନ କରାଯାଇଛି । ପାଶ୍ଚାତ୍ୟ ଜଗତରେ ଭାରତ ବିରୋଧୀ ପ୍ରଚାର କରିବାକୁ ପାକିସ୍ତାନ ପୂର୍ବରୁ ଅନ୍ୟ ଦୁଇଟି ଆମେରିକାର ଲବିଂ ସଂସ୍ଥା (ଭଡାଟିଆ ମିଛ ପ୍ରଚାରକାରୀ) ବିଏଲ୍‌କେ ୱାର୍ଲଡ ୱାଇଡ ଏବଂ ଲିଣ୍ଡେନ ଗଭର୍ଣ୍ଣମେଣ୍ଟ ସଲ୍ୟୁସନକୁ ନିଯୁକ୍ତି ଦେଇଥିବା ବିଷୟରେ ଦି ସଣ୍ଡେ ଗାର୍ଡିଆନ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଥିଲା । କାରିନ ଯୋଧା ଫିସର ସୋସିଆଲ ମିଡିଆରେ ମଧ୍ୟ ଭାରତ ବିରୋଧୀ ପ୍ରଚାର ଅଭିଯାନ ଚାଲୁ ରଖିଛି । ଯେମିତି ୮ ସେପ୍ଟେମ୍ବର ୨୦୨୧ ସନ୍ଧ୍ୟା ୬ଟା ୫୫ମିନିଟ୍‌ରେ ସେ ତା ନିଜର ଟ୍ୱିଟର ଆକାଉଣ୍ଟରେ ଏକ ପୋଷ୍ଟ କରିଥିଲା । ଯେଉଁଥିରେ ସୋପୋର ଲୋକମାନେ ଏକ ସଡକର ଖରାପ ଅବସ୍ଥା ସଂକ୍ରାନ୍ତରେ ବିରୋଧ ପ୍ରଦର୍ଶନ କରିବାର ଘଟଣାକୁ ନେଇ ସେ ଲେଖିଥିଲା-"ଏମାନେ ଗିଲାନୀ ସାହେବଙ୍କ ସୋପୋରରେ ମୃତ୍ୟୁକୁ ନେଇ ପ୍ରତିବାଦ ପ୍ରଦର୍ଶନ କରିବେ ନାହିଁ । ଏସବୁ ମୋତେ ଦୁଃଖ ଦେଇଛି । ଏସବୁ ଦେଖି ମୁଁ କ୍ଷୁବ୍‌ଧ ହୋଇଉଠୁଛି ।" ନିଜକୁ କାଶ୍ମୀର ବିକାଶର ପ୍ରଚଣ୍ଡ ପ୍ରବକ୍ତା ଭାବେ ପ୍ରଚାର କରୁଥିବା ଏହି ମହିଳା ଜଣକ ନିଜ ଟ୍ୱିଟରରେ ୧୫ ଫେବୃଆରୀ ୨୦୨୧ରେ ଅନେକ ମିଥ୍ୟା ପ୍ରଚାର କରି ନିଜର ଟ୍ୱିଟର ଆକାଉଣ୍ଟରେ ପୋଷ୍ଟ କରିବା ସହ କାଶ୍ମୀରୀ ଲୋକେ ବାକି ଭାରତଠାରୁ ଶିକ୍ଷା, କୃଷି ଓ ବିକାଶରେ ବହୁ ଆଗରେ ଥିବା କହି ଶେଷରେ ଲେଖିଥିଲା-"ଆଜାଦ କାଶ୍ମୀର (ପାକ୍ ଦଖଲରେ ଥିବା)କୁ କେହି ଯଦି ଦଖଲ କରାଯାଇଥିବା କଥା କହେ, ତେବେ ମୁଁ ଉଗ୍ରବାଦୀ ହୋଇଥାଏ । କାରଣ ଏହା ଏପରି ହୋଇନାହିଁ ।"

ପୃଥିବୀରେ ଚାଲିଥିବା ସନ୍ତ୍ରାସବାଦ ପଛରେ ଅନେକ ସାମ୍ବାଦିକ ସହଯୋଗୀ ହୋଇ ରହିଛନ୍ତି । କାତାରର ସମ୍ବାଦ ପ୍ରସାରଣକାରୀ ସଂସ୍ଥା ଅଲ-ଜଜିରା ଏଥିରେ କୁଖ୍ୟାତି ଅର୍ଜନ କରିଛି । ପୃଥିବୀର ଅନେକ ଦେଶରେ ସନ୍ତ୍ରାସବାଦୀମାନଙ୍କୁ ଏହି ସଂସ୍ଥା ପରିଚୟପତ୍ର ଦେଇ ସାମ୍ବାଦିକଭାବେ ଛିଡା କରାଇଛି । ନିକଟରେ ଇସ୍ରାଏଲ ସୀମାରେ ଏମିତି ଜଣେ ସାମ୍ବାଦିକା ସନ୍ତ୍ରାସୀଙ୍କୁ ସହଯୋଗ କରିବା ଅଭିଯୋଗରେ ଗୁଳି ଖାଇଥିଲେ । ଇସଲାମିକ ସନ୍ତ୍ରାସବାଦର ସମର୍ଥନରେ ଏହି ସଂସ୍ଥା ସବୁବେଳେ ନିଜ ଏଜେଣ୍ଡାକୁ ନେଇ ଖବର ପ୍ରସାରିତ କରିଥାଏ । ତେବେ ଗଣମାଧ୍ୟମରେ ଏପ୍ରକାର ସନ୍ତ୍ରାସବାଦୀମାନଙ୍କ ପ୍ରବେଶ ବିଶ୍ୱ ପାଇଁ ଆଦୌ ଭଲ ଖବର ନୁହେଁ ।

*-ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩*

# ମହାରଷି ମଧୁସୂଦନ

..............ଅକ୍ଷୟ କୁମାର ରାଉତ..........





ଦିଗବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର। ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବର୍ତ୍ତନ। ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା। ଦିଗବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ। ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ। ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଡେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ। ମଧୁସୂଦନ ଥିଲେ ମରହଟ୍ଟା ବଂଶଜ। ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି। ସେହି ମରହଟ୍ଟମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ। ସେ ଥିଲେ ମଧୁସୂଦନଙ୍କ ଅଜା। ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି। ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି –

*"ମଧୁ ଜନ୍ମ ତିଥି ମଧୁମୟୀ ଶ୍ରୀପଞ୍ଚମୀ*
*ଯାର ଆଗମନେ ଜାଣେ ଧରଣୀ ଉଲ୍ଲାସେ*
*ଶତ ପୁଷ୍ପ ବିକଶଇ ବିଶ୍ୱ ପ୍ରାଣ ରମି*
*ବହଇ ମଳୟ, ଗାଏ କୋକିଳ ଉଚ୍ଛ୍ୱାସେ।"*

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ। ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ। ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା। ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ'। ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ। ପରେ କନ୍ୟାଟିର ମୃତ୍ୟୁ ଘଟିଲା। ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ। ମାମୁଁ ମାଇ ତାଙ୍କୁ ପାଳିବେ। ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ। କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା। ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି। ତା ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ। ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ। ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ। ବର୍ତ୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା। ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି। ବାପା ଥାନାକୁ ଗଲେ ସେମାନେ ମଧ୍ୟ ଥାନାକୁ ଆସନ୍ତି। ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳନ୍ତି। ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ। ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ। ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ। ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା। ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ। ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା। ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ। ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ। ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ। ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ। ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ। ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ୍ୟ ପରିଦର୍ଶନରେ ଗଲେ। ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କଥାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ। ତାଙ୍କର ରହିବା ପାଇଁ ମଧ୍ୟ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା। ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ। ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ। ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ। ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ। ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ। ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ। ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ ଟି ପ୍ରଶ୍ନ ଦେଉଥିଲେ। ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା। ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ।

୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା। ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ। ଗାଁ ଗଣ୍ଡା ସବୁ ପଦା ହୋଇଗଲା। ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର। ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ। ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହାୟତାରେ ଘରେ ଘରେ ଚୂଡ଼ା ଓ ଚାଉଳ ବାଣ୍ଟିବାକୁ ଲାଗିଲେ। ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନ ପ୍ରାଣ ଢାଳିଦେଲେ। ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା। ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ। ଦ୍ୱିତୀୟ ଥର ମଧ୍ୟ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ। ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ। ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ। ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ। ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୁଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ। ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ। ରାଧାନାଥଙ୍କ ଆଶୀର୍ବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ। ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ। ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମିଳିଲା। ତେଣୁ ସେ କଟକ ଆସି କଲେଜରେ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ। ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ୍ୟ କଟକ ଆସି ପାଠପଢ଼ିଲେ। କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ। ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦ ଟଙ୍କା ବୃତ୍ତି ପାଇଲେ। ସୁଦୂର କଲିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା। ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା। ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ। କଠୋର ଅଧ୍ୟବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟତ୍ତ କରିପାରିଥିଲେ। ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା। କୁକୁରଟି ମଳତ୍ୟାଗ କଲେ ଆମେ ତା ସେବା କରୁ ଆମ କୋଳରେ ଶୁଆଉ ଥାଉ, କିନ୍ତୁ ମଣିଷକୁ ଘୃଣାକରୁ ଭାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡା ହେଉ। ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭାତୃତ୍ୱକୁ କୁଠାରଘାତ କରୁ। ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ସମାଜର ବିଦ୍ରୂପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି। ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ। ସେଠାରେ ପତ୍ନୀ ପଦ୍ମାବାଈ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀର୍ତ୍ତନ କରୁଥିଲେ। ଯାଜପୁର ଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା। ୧୮୭୩ ମସିହାରେ ମଧୁସୂଦନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ। ସେଠାରେ ତାଙ୍କର ବ୍ୟାସକବି ଫକୀର ମୋହନ ସେନାପତି, ବୈକୁଣ୍ଠନାଥ ଦେଓ ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା। ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ। ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ। ଏହି ସାହିତ୍ୟିକ ମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ। ମଧୁସୂଦନ ଏହି ଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ। ସେଗୁଡିକ ମଧ୍ୟରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି। ମଧୁସୂଦନ ପୁରସ୍କାର ପାଇଁ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ। ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ। ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ। ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା ତାର ନାମ 'ଜୟନ୍ତ'।

୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍‌ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ। ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ୍ୟ ଲେଖିଥିଲେ। 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ କରିଥିଲେ। ବର୍ତ୍ତମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି। ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନି ଖଣ୍ଡ ପୁସ୍ତକ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁଟ୍ରେନିଂ ସ୍କୁଲ ବସାଇଥିଲେ। ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ। 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ। ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା। ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘାଣ୍ଟିଚକଟି ହୋଇପଡିଲେ। ତାପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲା। ସେ ଡେପୁଟି ଇନସ୍‌ପେକ୍ଟର ଚାକିରି ଛାଡି ଦେଇ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ। କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନ ଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ। ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ। ଟ୍ରେନିଂ ସ୍କୁଲରେ ଭାବର ଆଦାନ ପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ। ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା। ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେ ଛାତ୍ରମାନଙ୍କ ମଧ୍ୟରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସେ ସୁନାମ କମାଇଥିଲେ। ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ।

ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା। ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା। ଏବେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟା ପୀଠ'। ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା। ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧ୍ୟରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନ ଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ। କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି:-

***"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର***
***ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"***

ଗୃହର ଶାନ୍ତି ଦେଖି ଫକୀରମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାରଷି। ଈଶ୍ୱରଙ୍କ ପରମ ସତ୍ତା ଅନୁଭବକରି ସେ ଭକ୍ତି ଭାବରେ ବହୁତ କବିତା ରଚନା କରିଛନ୍ତି। ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତକବି' ବୋଲି କୁହାଯାଏ। ଇଂରେଜ ସରକାର ତାଙ୍କ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ। ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ। ପିତୃ ବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା। ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ। 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସଞ୍ଚୟନ। ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ। ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ। ତାଙ୍କର ମାନବଧର୍ମ ଓ ସଂସ୍କାର ବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ। ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି- ***"ଯାବତ ଜୀବନ ଆଦର୍ଶ ସ୍ୱରୂପେ/ବିରାଜ ମୋ ପ୍ରାଣେ ସନ୍ତତ/ହେ ଦେବ! ଉତ୍କଳର ଇତିହାସରେ/ଶ୍ରୀ ମଧୁସୂଦନ ଭକ୍ତକବି ନାମ/ରହିଲା ସୁବର୍ଣ୍ଣ ଅକ୍ଷରେ।"***

*-ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ.ନଂ.-୯୯୩୭୬୯୧୪୭୫*




## ତାଳବଣିଆରେ ବିଜେଡ଼ିର ୨୫ତମ ପ୍ରତିଷ୍ଠା ଦିବସ ସମାରୋହ

ପୁରୀ, (ପି.ଏନ): ବିଜୁ ଜନତା ଦଳ (ବିଜେଡ଼ି) ର ୨୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଜି ପୁରୀ ତାଳବଣିଆ ଇନଡୋର ଷ୍ଟାଡ଼ିୟମରେ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଛି । ଏଥିରେ ଯୋଗଦେବା ସହ ସାଧାରଣ ସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଶାର ସ୍ୱାଭିମାନ ପାଇଁ କାର୍ଯ୍ୟ କରୁଛି ବିଜେଡ଼ି । ସ୍ୱଚ୍ଛ ଓ ନିର୍ମଳ ଶାସନ ପାଇଁ ଓଡ଼ିଶାବାସୀଙ୍କ ବିଶ୍ୱାସଭାଜନ ହୋଇଛି ଦଳ । ଏଣୁ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ପାଖରେ ମୁଁ ଋଣୀ । ରାଜ୍ୟରେ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉଛି ବିଜେଡ଼ି । ବିଜେଡ଼ି ପାଇଁ ସବୁ ବର୍ଗର ଉନ୍ନତି ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ନିଜ ପିତା ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରି ସେ କହିଥିଲେ ଯେ, ବିଜୁ ବାବୁ ହେଉଛନ୍ତି ଜଣେ ମହାନ ଜନ ନାୟକ । ତାଙ୍କର ପ୍ରତିଟି ରକ୍ତ ବିନ୍ଦୁରେ ଥିଲା ଓଡ଼ିଶାର ବିକାଶ ଓ ସ୍ୱାଭିମାନ । ବିଜୁ ବାବୁଙ୍କ ରାସ୍ତାରେ ଆମେ ଆଗକୁ ବଢିବା । ଦଳୀୟ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇ ନବୀନ କହିଥିଲେ ଯେ, ସବୁବେଳେ ଲୋକଙ୍କ ପାଇଁ କାମ କରନ୍ତୁ । ଚାଷୀ, ଆଦିବାସୀ ଓ ମା ମାନଙ୍କ ପାଇଁ ଭଲ କାମ କରନ୍ତୁ । ମୁଖ୍ୟମନ୍ତ୍ରୀ ଦିନ ୧୨ଟାରେ ହେଲିକପ୍ଟର ଯୋଗେ ଆସି ପ୍ରଥମେ ତାଳବଣିଆ ହେଲିପ୍ୟାଡରେ ପହଂଚିଥିଲେ । ଏହାପରେ ସେଠାରୁ କାର୍ ଯୋଗେ ସଭାସ୍ଥଳକୁ ଯାଇଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ସଭାସ୍ଥଳକୁ ବିଜେଡ଼ିର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରସନ୍ନ ପାଟ୍ଟଶାଣୀ, ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ସୁଦାମ ମାରାଣ୍ଡି ଓ ପ୍ରଣବ ପ୍ରକାଶ ଦାସ ପାଛୋଟି ନେବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ମଂଚାସୀନ ହୋଇଥିଲେ । ବିଜେଡ଼ିର ଏହି ରୌପ୍ୟ ଜୟନ୍ତୀ ସମାରୋହରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୱାର୍ଡ଼ ସଭ୍ୟ ସଭ୍ୟା, ସରପଂଚ, ସମିତିସଭ୍ୟ ସଭ୍ୟା, ଜିଲ୍ଲାପରିଷଦ ସଭ୍ୟ ସଭ୍ୟା, ଜିଲ୍ଲାପରିଷଦ ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ବିଭିନ୍ନ ବ୍ଲକର ଚେୟାରମ୍ୟାନ, ଛାମୁଆ ସଂଗଠନର କର୍ମକର୍ତ୍ତା, ଯୁବ ବାହିନୀ, ଛାତ୍ର ବାହିନୀ, ମହିଳା ବାହିନୀ, କୃଷକ ବାହିନୀ, ଅନୁସୂଚିତ ଜାତି ଓ ଜନଜାତିର ମୁଖିଆମାନେ ଯୋଗଦେଇ ଥିଲେ । ଏହି ସମାବେଶରେ ଦଳର ୫୦ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ୧୯୯୭ ଡ଼ିସେମ୍ବର ୨୬ ତାରିଖରେ ପ୍ରତିଷ୍ଠା ହୋଇଥିଲା ବିଜୁ ଜନତା ଦଳ ।

## ଲିଜଧାରୀ ନିୟମ ବହିର୍ଭୂତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଡ଼ାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଜମାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅନୁଜ୍ଞାକର ଦାସଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି । ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି । ଏହି ବାଲି ସୌରାଡ଼ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି । ୦.୩ ମିଟର ଉଚ୍ଚତାରେ ବର୍ଷକୁ ଥରେକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି । ଏହା ଦ୍ୱାରା ସରକାର ଉକ୍ତ ସୈରାଡ଼ରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି । ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡ଼ିଯିବା ଭୟରେ ଚେକିଙ୍ଗ କାର୍ଯ୍ୟାଳୟକୁ ମିଳିଥିବା କେମର୍ଦ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ । ଉକ୍ତ ବାଲି ସୈରାଡ଼ର କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି । ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜଧାରୀ ଏହାକୁ ସମ୍ପୂର୍ଣ୍ଣ ଭେଟୋ ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟରେ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି । ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି । ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି । ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାଡକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବହିର୍ଭୂତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜଧାରୀ କରୁଣାକର ଦାସଙ୍କ ଉପରେ ଦିଡ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୭ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି ।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସହ କରାଉଛନ୍ତି । ପୌର ଓ ଜିଲ୍ଲା ପ୍ରଶାସନ ବାଗ୍ୟାର ଉଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି । ଏହି ପରି ରାଜ୍ୟ ଶାସନ ବନ୍ଦ କରି ଉଠା ଦୋକାନିଙ୍କ ସାମ୍ବିଧାନିକ ଜୀବିକାର ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନୀ ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ । ରାସ୍ତାର ୨ ପାର୍ଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ଆଉ ଏକାଧିକ ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟଭୀତ କରାଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପ୍ଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂପ୍ରୁଡ଼ି ଲଗଣ ସତ୍ୟା ଗ୍ରହ ଏବଂ ସ୍ୱାଧୀନତା ଆନ୍ଦୋଳନ ସଂଗ୍ରାହାଳୟ ପ୍ରତିଷ୍ଠା କରାଯାଉଛି । ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାଲି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ । କ୍ରିଜ ଅଞ୍ଚଳର କରୋନା ମହାମାରୀ ସମୟର ସରକାରୀ ଘୋଷିତ ରିଲିଫ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ, ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ ।

## ବିଏମ୍‌ସି ମେୟର ଭାବେ ଶପଥ ନେଲେ ସୁଲୋଚନା ଦାସ

ଭୁବନେଶ୍ୱର, (ପି.ଏନ) ଶ୍ରୀମତୀ ସୁଲୋଚନା ଦାସ ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମର ମେୟର ଭାବେ ଶପଥ ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ବିଏମସିର ପ୍ରଥମ ମହିଳା ମେୟର । ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ତାଙ୍କୁ ଶପଥ ପାଠ କରାଇଛନ୍ତିଶପଥ ଗ୍ରହଣ କରିବା ପରେ ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ଧନ୍ୟବାଦ ଦେବା ସହ ଭୁବନେଶ୍ୱରର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି । ଟିମ୍‌ୱାର୍କ ଜରିଆରେ ରାଜଧାନୀର ବିକାଶ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଭଳି ଭୁବନେଶ୍ୱରଟିଏ ତିଆରି ହେଲେ ହିଁ ସମସ୍ତଙ୍କର ସ୍ୱପ୍ନ ପୂରଣ ହେବ ବୋଲି ସୁଲୋଚନା ଦାସ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ରାଜଧାନୀର ସାଢେ ୧୧ ଲକ୍ଷ ଲୋକ ଆମ ପରିବାର । ଶେଷ ଲୋକ ପର୍ଯ୍ୟନ୍ତ କିଭଳି ଆମ ଯୋଜନା ପହଞ୍ଚିବ ସେଥିପାଇଁ କାମ କରିବୁ । ସ୍ମାର୍ଟ ସିଟିରେ ନଂ-୧ ଯେଭଳି ବଜାୟ ରହିବ ବୋଲି ସେ କହିଛନ୍ତି । ସେହିପରି ସେ କହିଛନ୍ତି ଯେ ଭୁବନେଶ୍ୱରରେ ଅନେକ ଐତିହାସିକ କିର୍ତ୍ତୀରାଜି ରହିଛି । ସେଗୁଡ଼ିକର କିଭଳି ରକ୍ଷଣାବେକ୍ଷଣ କରିହେବ ସେନେଇ କାମ କରିବୁ । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିକାଶ ନେଇ ଯେଉଁ ପଦକ୍ଷେପ ନେଇଛନ୍ତି । ତାକୁ ଗୁରୁତ୍ୱ ଦେଇ ସବୁବେଳେ କାମ କରିବୁ ବୋଲି ସେ କହିଛନ୍ତି ।

## କୋରେଇ ମହୋତ୍ସବ-୨୦୨୨ ଉଦ୍‌ଯାପିତ

କୋରେଇ, (ପି.ଏନ): ସାହିତ୍ୟ ଅନେକ ସମୟରେ ସମାଜର ପଟପରିବର୍ତ୍ତନ କରିଦେଇଥାଏ । ସେଥିପାଇଁ ସାହିତ୍ୟିକମାନଙ୍କୁ ଶାଣିତ ସାହିତ୍ୟ ଲେଖିବାକୁ ହେବ, କାରଣ ସାହିତ୍ୟ ବାଟିରହେ ସମାଜ ଚିହ୍ନିବା ସମୟ ନୁହେଁ ବୋଲି କୋରେଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୪୦ତମ 'କୋରେଇ ମହୋତ୍ସବ'ର ଉଦ୍‌ଯାପନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉଦ୍‌ଯାପନୀ ଅଧିବେଶନ ତଥା କବି ଅଭିମନ୍ୟୁ ସାମନ୍ତସିଂହାର ମଂଚର ସମାବର୍ତ୍ତନ ଉତ୍ସବ ସଂସଦର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟକ ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ବାରିକଙ୍କ ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଓଡିଆ ସାହିତ୍ୟ ଇତିହାସକାର ଡକ୍ଟର ସୁରେନ୍ଦ୍ର କୁମାର ମହାରଣା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଲେଖକ ସମ୍ମିଳନୀ ସଭାପତି ଡ଼. ରୁଦ୍ରନାରାୟଣ ପୃଷ୍ଟି ଯୋଗ ଦେଇଥିଲେ । ସଂସଦର ସଂପାଦକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଂଟିଆ ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଅତିଥି ପରିଚୟ ଓ କାର୍ଯ୍ୟକାରୀ ସଂପାଦକ ଦୟାନିଧି ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସମାବର୍ତ୍ତନ ଉତ୍ସବରେ ଚଳିତବର୍ଷ ସଂସଦର ମର୍ଯ୍ୟାଦା ଜନକ 'କସ୍ତୁରୀ ପୁରସ୍କାର' ବିଶିଷ୍ଟ ଶିଶୁ-ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ପ୍ରଦାନ କରାଯାଇଥିବା ବେଳେ 'କାନ୍ତୁଚରଣ ଖୁଂଟିଆ ସ୍ମୃତି ପୁରସ୍କାର' କବି ଡକ୍ଟର ତୁହିନାଂଶୁ ରଥ, 'ଶଚିଦେବୀ ଲେଖିକା ପୁରସ୍କାର' ସୁଶ୍ରୀ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା, 'ଶ୍ୟାମସୁନ୍ଦର ମହାନ୍ତି ସ୍ମୃତି ପୁରସ୍କାର' ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି (ପତ୍ରିକାର ସଂପାଦକ), ଦଶରଥ ବିଶ୍ୱାଳ ସ୍ମୃତି ପୁରସ୍କାର' କୃତିଛାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ପୃଷ୍ଟି, 'ଜଗଧର ସ୍ୱାଇଁ ସ୍ମୃତି ପୁରସ୍କାର' ପାଲାଗାୟକ ଶ୍ରୀ ଜଗନ୍ନାଥ ଧଳ, 'ଗଦାଧର ସ୍ୱାଇଁ ଶିକ୍ଷକ ଗୌରବ ପୁରସ୍କାର' ଚିତରଞ୍ଜନ ଦାସ(ଶିକ୍ଷକ), ଅଚ୍ୟୁତାନନ୍ଦ ପତି ଗଙ୍ଗ ସମ୍ମାନ ଅମରେଶ ବିଶ୍ୱାଳ, ସ୍ୱର୍ଗତ ଜୈକାସ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ ଡକ୍ଟର ଅଶୋକ କୁମାର ସିଂହ, ଡକ୍ଟର ରମେଶ ମହାନ୍ତି ସାରସ୍ୱତ ସମ୍ମାନ କବି ମିରୀନା ମହାନ୍ତି, 'ଦ୍ରୌପଦୀ-ପ୍ରାଣକୃଷ୍ଣ' ସ୍ମୃତି ସମ୍ମାନ ବିଶିଷ୍ଟ ସମାଜସେବୀ ଦମୋଦର ଦୋବେଇଙ୍କୁ ପ୍ରଦାନ କରାଯଇଥିଲା । ସେହିପରି ଚଳିତ ବର୍ଷ ସଂସଦ ସମ୍ମାନରେ ଶରତ କୁମାର ଦାସ, ପ୍ରବାସୀ ସାରସ୍ୱତ ସଂଗଠକ ଲମ୍ବୋଦର ବେହେରା ଏବଂ ସ୍ୱତନ୍ତ୍ର 'ସାମ୍ବାଦିକ ସମ୍ମାନ' ଶ୍ରୀକାନ୍ତ ରାୟଙ୍କୁ ପ୍ରଦାନ କରାଯାଇଥିବା ବେଳେ 'ବୋଲେହୁଁଟି' ପତ୍ରିକାର ପ୍ରତିଭା ସମ୍ମାନ କଳ୍ପଲତା ପାତ୍ର ଏବଂ 'ଆଜ୍ଞା ନମସ୍କାର'ପତ୍ରିକାର 'ବ୍ୟାଙ୍ଗମୁଣି ସମ୍ମାନ' ଜଗତ ମୋହନ (ବ୍ୟଙ୍ଗକବି), ଡ. ସୁରେନ୍ଦ କୁମାର ମହାରଣାଙ୍କୁ ସଂସଦର ଶୀର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶେଷରେ ସହସଂପାଦକ ମଳୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ଣରେ ପ୍ରଥମ ଅଧବେଶନ କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ଉପସଭାପତି ବିନୋଦ ବିହାରୀ ସାହୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ 'ଗୋକର୍ଣ୍ଣିକା'ର ସଂପାଦକ ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁବାସ ଧଳ, ଗାଳ୍ପିକ ନିର୍ମଳଚନ୍ଦ୍ର ରାଉତ ଯୋଗ ଦେଇଥିଲେ । ବ୍ୟଙ୍ଗକବି ବାଇଧର ମାଝୀ, ଅକ୍ଷୟ କୁମାର ବାରିକ ଓ ଅଶୋକକୁମାର ପତି ପ୍ରମୁଖଙ୍କ ସଂଯୋଜନାରେ ପଣ୍ଡିତ ଯୁଗୋଳ କିଶୋର ମିଶ୍ର, ପଣ୍ଡିତ ଅକ୍ଷୟ କୁମାର ଦାସ, ଅମିତାଭ ଖୁଂଟିଆ, ନାରାୟଣ ମହାଳିକ, ପ୍ରଭାତ ମଲ୍ଲିକ, କାଦମ୍ବିନୀ ଜେନା, ଡକ୍ଟର ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ସନ୍ଧ୍ୟାରାଣୀ ଘଡାଇ, ପ୍ରତିମା ରଥ, ଯୋଗେନ୍ଦ୍ର କୁମାର ସାହୁ, ରାମଚନ୍ଦ୍ର ଦାଶ ପ୍ରମୁଖ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସଙ୍ଗଠନ ସଂପାଦକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ ସମ୍ପାଦକ ବାଇଧର ମାଝୀଙ୍କ ପରିଚାଳନାରେ ନୃତଗୁରୁ ଭୋଳାନାଥ ଘୋଷ ଓ ନୃତ୍ୟଗୁର ବୈକୁଣ୍ଠନାଥ ନନ୍ଦଙ୍କ ନିର୍ଦ୍ଦେଶନାରେ ବ୍ୟାସନଗର ସ୍ଥିତ ବ୍ୟାସଶ୍ରୀ କଳାନିକେତନ, ସରସ୍ୱତୀ କଳା ନିକେତନ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଟକ ଓ ନୃତ୍ୟ ପରିବେଶିତ ହୋଇଥିଲା ।

## ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ । ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି । ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢ଼ିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢ଼ିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି । ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି । ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା । ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ । ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା । ଦାୟୀତ୍ୱବାନ ନାଗରିକ ଓ ନେତା ମଧ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର । ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି । ଚାକିରୀ ବିକିରୀର ପ୍ରତିବାଦ କରିଛି । ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ମୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍ । ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି । ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

## ପ୍ରେସକ୍ଲବ ଫୁଲବାଣୀ ପକ୍ଷରୁ ବଡଦିନ ପର୍ବ ପାଳିତ

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲା ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ପ୍ରେସକ୍ଲବ ପକ୍ଷରୁ ବଡ ଦିନପର୍ବ ପାଳିତ ହୋଇଯାଇଛି । ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ମଂଚାସୀନ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡଃ. ଅରୂପ କୁମାର ଜେନା, ଡଃ. ସୂର୍ଯ୍ୟ ନାରାୟଣ ବେହେରା ଯୋଗ ଦେଇଥିଲେ ।ଏହି ଅବସରରେ ପ୍ରେସକ୍ଲବର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଅତିଥି ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ । ମିଳିତ ନାଗରିକ କମିଟିର ଆବାହକ ତଥା ପ୍ରେସକ୍ଲବର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ପରିଡା, ବରିଷ୍ଠ ନାଗରିକ ନବୀନ କିଶୋର ପଣ୍ଡା, ନବ କିଶୋର ରଥ ପ୍ରମୁଖ ଆଜିର ଦିବସର ମହତ୍ୱ ପ୍ରତିପାଦନ କରିଥିଲେ । ଏଥି ସହିତ ସୂର୍ଯ୍ୟ ନାରାୟଣ ବ୍ବେହେରା ବାଇବେଲ ପଠନ କରିଥିବା ବେଳେ ଡଃ. ଅରୁପ ଜେନା ଯୀଶୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଛକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।




# ରାଜ୍ୟରେ ତିନି ହଜାର କିଲୋମିଟର ରାସ୍ତାର ହେବ ସାଇନେଜ ଅଡ଼ିଟ



ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିହବନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଯଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।

**ନାଟ୍ୟସାରଥି ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

## ଏସେଲ୍ସ ପବ୍ଲିକ ସ୍କୁଲର ଏଗାରତମ ବାର୍ଷିକ କ୍ରୀଡ଼ା ଉତ୍ସବ



କଟକ (ପିଏନ୍): କଟକ ସିଡ଼ିଏ ସେକ୍ଟର-୯ସ୍ଥିତ ବିଡ଼ାନାସୀ ଫୁଟବଲ ପଡ଼ିଆଠାରେ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ପ୍ଲେ ସ୍କୁଲର ମିଳିତ ଏଗାରତମ ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମୂହର ପରିଚାଳନା ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ର ଏହି କାର୍ଯ୍ୟକ୍ରମକୁ ପୌରୋହିତ୍ୟ କରି ମଶାଲ ପ୍ରଜ୍ୱଳନର ବିଧିବଦ୍ଧ ଉଦଘାଟନ କରିଥିଲେ। କଟକ ସଦରର ଡିଏସଓ ରଶ୍ମୀରଞ୍ଜନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ କ୍ରୀଡ଼ା ନୈପୁଣ୍ୟତାର ଭୂୟଂସୀ ପ୍ରଶଂସା କରି ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମିଶ୍ର ଓ ଡକ୍ଟର ମେଘନା ମିଶ୍ର କୃତୀ କ୍ରୀଡ଼ାବିତମାନଙ୍କୁ ମେଡ଼ାଲ ପ୍ରଦାନ କରି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଆଡ଼ମିନିଷ୍ଟ୍ରେଟର ମିନୁ ପଟ୍ଟନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ମିନତୀ ଭୂୟାଁ, ପରମିତା ପ୍ରିୟଦର୍ଶିନୀ, ଆରାଧନା ବେହେରା, ଜ୍ୟୋତିର୍ମୟୀ, ସ୍ନେହାଞ୍ଜଳୀ ସ୍ୱାଇଁ, ସାଗରିକା ସାହୁ, ଶିକ୍ଷକ ଧୀରେନ ମଲ୍ଲିକ, ନିଧି ସିଂହ ପ୍ରମୁଖ ପରିଚାଳନା କରିଥିଲେ। ପିଲାମାନଙ୍କ ଅନ୍ତର୍ନିହିତ ସୃଜନଶୀଳତା ସହ ପ୍ରାଚୀନ କ୍ରୀଡ଼ା ନୈପୁଣ୍ୟତା ସହିତ ଦୈନନ୍ଦିନ ସୁସ୍ଥତା ନିମିତ୍ତ ନିୟମିତ ଯୋଗାଭ୍ୟାସ ଓ କୁସ୍ତିକସରତ କରି ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପିଲାମାନଙ୍କୁ ମାର୍ଗଦର୍ଶନ କରି ପରିଚାଳନା ନିର୍ଦ୍ଦେଶିକା ଶିକ୍ଷାବିତ ଡକ୍ଟର ମେଘନା ମିଶ୍ର ସମସ୍ତଙ୍କ ସାମଗ୍ରିକ ସହଯୋଗ ପ୍ରେରଣା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ, ଅଭିଭାବକ, ସ୍ଥାନୀୟ ଜନସାଧାରଣ, କ୍ରୀଡ଼ାବିତ ଓ ଶିକ୍ଷାବିତ୍ ପ୍ରମୁଖ ଯୋଗ ଦେଇଥିଲେ।

# ଆସଇ ବସନ୍ତ ଶିଶିର ଅନ୍ତେ...



'ଆସଇ ବସନ୍ତ ଶିଶିର ଅନ୍ତେ, ଦିଶଇ ଧରଣୀ ଚାରୁ କିମନ୍ତେ। ସୌନ୍ଦର୍ଯ୍ୟ ତରଙ୍ଗେ ଭାସଇ ମଇ, ଭୁବନ ଆନନ୍ଦ ନୁହଁଇ କଇ'- ବସନ୍ତ ଋତୁକୁ ନେଇ ଭକ୍ତକବି ମଧୁସୂଦନ ରାଓ 'ବସନ୍ତ' ଶୀର୍ଷକ ପଦ୍ୟାବଳୀରେ ବସନ୍ତ ଋତୁ ବିଷୟରେ ସବିଶେଷ ବର୍ଣ୍ଣନା କରିଛନ୍ତି। ପାବନ ପୂଣ୍ୟକ୍ଷେତ୍ର ପୁରୀ ନଗରୀରେ ୧୮୫୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୨୯ ତାରିଖରେ ମଧୁସୂଦନ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୧୨ ମସିହା ଡିସେମ୍ବର ମାସ ୨୮ ତାରିଖରେ ତାଙ୍କର ଦେହାବସାନ ଘଟିଥିଲା। ଅଷ୍ଟାଦଶ ଶତାବ୍ଦୀରେ ଅଥବା ବ୍ରିଟିଶ ଆଗମନ ପୂର୍ବେ ଯେଉଁ ମରହଟ୍ଟା କ୍ଷତ୍ରିୟମାନେ ଏହି ଦେଶକୁ ଆସି ବାସସ୍ଥାପନ କରିଥିଲେ ତାଙ୍କ ମଧରୁ ମଧୁସୂଦନଙ୍କ ପିତାମହ ସଦାଶିବ ରାଓ ଅନ୍ୟତମ। ପିଲାଦିନରୁ ମଧୁସୂଦନ ସର୍ବଗୁଣରେ ବିଶେଷତଃ ସୁଶୀଳତା ଗୁଣରେ ପ୍ରତିବାସୀମାନଙ୍କର ଶ୍ରଦ୍ଧା ଓ ଅନୁରାଗର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପିଲାଟିଦିନରୁ ମାଆ ଅମ୍ବିକା ଦେବୀଙ୍କୁ ହରାଇ ଉଭୟ ଲାଳନ ପାଳନ ଓ ଶିକ୍ଷା ବିଧାନ ବାପାଙ୍କ ଠାରୁ ପାଇଥିଲେ। ନିଜ ଜୀବନର ଖଡ଼ିପାଠ ଛୁଆଁ ପ୍ରଥମେ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପର ଗ୍ରାମ୍ୟପାଠ ଶାଳାରେ ବିଧିବଦ୍ଧ ଭାବରେ ବର୍ଷକ ପରେ ଭୁବନେଶ୍ୱରସ୍ଥିତ ତାଙ୍କ ବାପାଙ୍କ ଘରେ ରହି ତତ୍କାଳୀନ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟରେ ମଧଶ୍ରେଣୀ ବିଦ୍ୟାଳୟରେ ତାଙ୍କ ନାମ ଲେଖାଯାଇଥିଲା। ସେହି ସମୟ ମାନଙ୍କରେ ବିଦ୍ୟାଳୟରେ ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାରେ ଶିକ୍ଷା ଦିଆଯାଉଥିଲା। ପିଲାଟି ଦିନରୁ ତାଙ୍କର ସାରସ୍ୱତ ସାହିତ୍ୟର ପ୍ରତିଭା ବିଦ୍ୟାଳୟର ଶିକ୍ଷକଙ୍କ ଠାରୁ ପରିଦର୍ଶକ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇଥିଲେ। ଜିଲ୍ଲା ସ୍କୁଲ ଠାରୁ ଅନ୍ୟାନ୍ୟ ବିଦ୍ୟାଳୟରେ ସମସ୍ତ ପ୍ରତିଯୋଗିତାରେ ତା ସହିତ ବାର୍ଷିକ ପରୀକ୍ଷାରେ କୃ□ତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। କବିବର ରାଧାନାଥ ରାୟଙ୍କ ସାନିଧ୍ୟ ପାଇ ପାରିଥିଲେ। ମଧୁସୂଦନ ଦ୍ୱିତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ରାଧାନାଥ ସେ ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକ ହୋଇଯାଇଥିଲେ। ସେଠାରେ ସେ ମଧୁସୂଦନଙ୍କ ମେଧାବିତା ଏବଂ ସୁଶୀଳତା ଗୁଣରେ ମନ୍ତ୍ରମୁଗ୍ଧ ହୋଇ ତାଙ୍କ ପାଠପଢ଼ା ବ୍ୟକ୍ତିଗତ ଭାବେ ଦେଖୁଥିଲେ। ଏହି ସମୟରେ ଦୁଇଜଣ ସୁପ୍ରସିଦ୍ଧ ପଣ୍ଡିତ ହରିହର ଦାସଙ୍କ ନିକଟରେ ସଂସ୍କୃତ ଚର୍ଚ୍ଚାର ସୁଯୋଗ ପାଇଥିଲେ। ପ୍ରଥମ ବର୍ଷ ନ'ଅଙ୍କ ଦୁର୍ଭିକ୍ଷ ପଡ଼ିବାରୁ ସେ ପରୀକ୍ଷା ଦେଇପାରି ନଥିଲେ। ପରବ□ୀ ସମୟରେ କଟକ ହାଇସ୍କୁଲରେ ଏଫ.ଏ. ଶ୍ରେଣୀରେ ଅଧ୍ୟୟନ ଆରମ୍ଭ କରିଥିଲେ। ମାତ୍ର ଏକାଦଶ ବର୍ଷ ବୟସରେ ପୁରୀବାସୀ ବଳରାଜଜୀଙ୍କ କନ୍ୟା ପଦ୍ମାଦେବୀଙ୍କ ସହିତ ତାଙ୍କର ଶୁଭପରିଣୟ ହୋଇଥିଲା। ପ୍ରଚଣ୍ଡ ଈଶ୍ୱରବିଶ୍ୱାସୀ ଓ ଶିବଙ୍କ ଭକ୍ତ ବାଳକ ମଧୁସୂଦନ ପ୍ରତିଦିନ ଶିବ ଦର୍ଶନ ନକଲେ ଜଳ ଗ୍ରହଣ କରୁନଥିଲେ। ସମୁଦ୍ର କୂଳରେ ଭ୍ରମଣ କରି ତାହାର ଆକାଶର ଅନନ୍ତ ନୀଳିମା ଦର୍ଶନରେ ସେ ମୁଗ୍ଧ ହେଉଥିଲେ। ତେବେ ୧୮୬୭ରେ ଦାରୁଣ୍ୟ ଦୁର୍ଭିକ୍ଷ ମଧୁସୂଦନଙ୍କ ହୃଦୟକୁ କ୍ଷତବିକ୍ଷତ କରିଥିଲା। ବ୍ରାହ୍ମ ଧର୍ମରେ ଦୀକ୍ଷିତ ହୋଇ ମଧୁସୂଦନ ନବ୍ୟ ସମାଜର ଯଥାବିଧି ବ୍ରହ୍ମୋପାସନାର ସୁବିଧା ନିମି□ ବ□ମାନ ମନ୍ଦିର ଲୋଡ଼ିଥିଲେ। ବ□ମାନ ଗଙ୍ଗାମନ୍ଦିରସ୍ଥ ଯେଉଁ ଗୃହରେ ବ୍ରାହ୍ମଉପାସନା ହେଉଅଛି, ସେହି ଘରର ମାଲିକ ତତ୍କାଳୀନ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସ୍ୱର୍ଗୀୟ ଜଗମୋହନ ରାୟ ଏହି ଧର୍ମପ୍ରାଣ ଯୁବକଙ୍କ ଅନୁରୋଧରେ ଗୃହଟିକୁ ଦାନ କରିଥିଲେ। ୧୮୭୧ ଖ୍ରୀଷ୍ଟାବ୍ଦରେ ମଧୁସୂଦନ ଏଫ.ଏ. ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ। କଲେଜରେ ପଢୁଥିବାବେଳେ ମଧୁସୂଦନ ବଙ୍ଗଳାର ମେଘନାଦବୋଧ ପ୍ରଭୃତି କାବ୍ୟ ଏବଂ ଓଡ଼ିଆର ତାଳପତ୍ର ପୋଥିରୁ ବୈଦେହିଶ ବିଳାସ ଆଲୋଚନା କରୁଥିଲେ। ସୃଷ୍ଟିକ□ାଙ୍କ ଉଦ୍ଦେଶ୍ୟରେ ମଧୁସୂଦନ ଲେଖିଯାଇଥିଲେ ପରମେଶ୍ୱର ଶୀର୍ଷକ ଏହି କବିତାଟି 'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କ□ା ପରମ ଈଶ୍ୱର ଯାଣୁଛନ୍ତି ପ୍ରତୀକ୍ଷଣେ' ଏହି ଶୀର୍ଷକ ସଙ୍ଗୀତଟି ଆମ ଓଡ଼ିଆ ଘରେ ଘରେ ଏକ ପବିତ୍ର ପଦ୍ୟାବଳୀ। ୧୮୭୩ ଖ୍ରୀଷ୍ଟାବ୍ଦର ଅକ୍ଟୋବର ୨୯ ତାରିଖରେ ସରକାରୀ ଚାକିରୀ ଗ୍ରହଣ କରି ବାଲେଶ୍ୱର ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ। ମଣିକାଞ୍ଚନ ସଂଯୋଗ ପରି ମଧୁସୂଦନଙ୍କ ସହ ବିଶିଷ୍ଟ ସାରସ୍ୱତ ସାଧକ ତଥା ମହାରାଜ କୁମାର ବୈକୁଣ୍ଠନାଥଙ୍କ ସଂସ୍ପର୍ଶ ପାଇଥିଲେ ଏବଂ ସାରସ୍ୱତ କୀ□ ପାଇଁ 'ଉତ୍କଳ ଦର୍ପଣ' ନାମକ ପତ୍ରିକାଟି ପ୍ରକାଶିତ ହୋଇଥିଲା। ପ୍ରକୃତିପ୍ରେମୀ ମଧୁସୂଦନ ରାଓ ଅନେକ ଲେଖା ଲେଖିଯାଇଛନ୍ତି। 'ଆତ୍ମସମର୍ପଣ', ଶୀର୍ଷକ ପଦ୍ୟାବଳୀରେ - 'ଏ କ୍ଷୁଦ୍ର ପ୍ରାଣର ପ୍ରେମ ପ୍ରତିଦାନ ପାଦପଦ୍ମେ ପ୍ରାଣବଳୀ, ଅର୍ପଇ ଆନନ୍ଦେ, ଘେନ ମହାପ୍ରଭୁ ଘେନ ଏ ଦୁଖୀର ଅଳି'। ବିଧିର ବିଧାନ ପାଇଁ 'ବିଧିବିଧାନ'ରେ ଲେଖିଛନ୍ତି - 'ସେହିତ ଧର୍ମ ସନାତନ ଧରି ରଖିଛି ଏ ଭୁବନ, ସେ ଧର୍ମପଥ ମଧୁମୟ, ତାହାକୁ କରହେ ଆଶ୍ରୟ'। ଆଧୁନିକ ଉତ୍କଳ ସାହିତ୍ୟ ଓ ଯୁବକ ସମାଜରେ ପ୍ରାଣରେ ଯେଉଁ ରତିନୀତିର ପୁଣ୍ୟଶ୍ରୀ ଦେଖାଯାଉଅଛି ତାହାରି ମୂଳରେ ମଧୁସୂଦନଙ୍କ ପ୍ରେରଣା ରହିଛି। ସେ ଅତ୍ୟନ୍ତ ସତ୍ୟନିଷ୍ଠ ଓ ନ୍ୟାୟପରାୟଣ ଥିଲେ। ଅତିଥି ସେବା ଥିଲା ତାଙ୍କର ପ୍ରିୟ କାର୍ଯ୍ୟ। କେହି କେହି କୁହନ୍ତି ଇଂଲଣ୍ଡର କବି ଟେନିସନ୍‌ଙ୍କ ପରି ତାଙ୍କର ସ୍ଥାନ ଅନ୍ୟ କବି ଦ୍ୱାରା ପୂର୍ଣ୍ଣ ହେବାର ନାହିଁ। ଓଡ଼ିଆ ସାରସ୍ୱତ ସାହିତ୍ୟ ଜଗତକୁ ଅନେକ ପୁରାଣ କବିତା ଗ୍ରନ୍ଥ ଛାନ୍ଦମାଳା, ବିବିଧ କବିତା ଠାରୁ ଅନ୍ୟାନ୍ୟ ସାହିତ୍ୟ ପ୍ରତି ସେ ଲେଖାଲେଖି କରୁଥିଲେ। ତାଙ୍କରି ପରଲୋକ ଗତା ସୁଲକ୍ଷଣା ଦେବୀ ଶୀର୍ଷକ କବିତାରେ ତାଙ୍କରି ଭାଷାରେ ଲେଖୁଛି- 'ଶାନ୍ତିସୁଧା ପାନ କର ସ୍ୱର୍ଗରେ, ଭୁଞ୍ଜ ମା' ଅମୃତ ଆନନ୍ଦଭରେ, ଲଭିଣ ଉଦାରତର ଜୀବନେ, 'ଜଣାଣ'କର ମା' ବିଭୁଚରଣେ, ଯେହ୍ନେ ଭକ୍ତି ଅନୁସରି, ଏଭବେ ପାଷାଣ ହୃଦ ଦ୍ରବିଯାଉ, ପାପ ଯାଉ ଅପସରି'।

**——ଡଃ. ଅରୁନ୍ଧତୀ ଦେବୀ**
*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦*

## ବ୍ୟବସାୟୀଙ୍କୁ ଏସିଡ୍ ଫିଙ୍ଗିବା ଅଭିଯୋଗରେ ୩ ଗିରଫ

ଧର୍ମଶାଳା (ପିଏନ୍): ଜାରକା ମେନ୍ ମାର୍କେଟ୍ ବଣିକ ସଂଘ ସଭାପତି ଅଶୋକ କୁମାର ସାହୁଙ୍କୁ ଆକ୍ରମଣ ଓ ଏସିଡ୍ ଫିଙ୍ଗିବା ଅଭିଯୋଗରେ ଧର୍ମଶାଳା ଥାନା ପୁଲିସ୍ ୨ଜଣ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜାରକାର ଝୁନୁଲତା ବରାଳ, ଝରଣା ପଲେଇ ଓ ନିହଲପ୍ରସାଦ ଗ୍ରାମର ହେମନ୍ତ ସେଠୀଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ବ୍ୟବସାୟୀ ଅଶୋକ(ମିଟୁ) ଓ ଝୁନୁଲତା ମଧ୍ୟରେ କିଛିଦିନ ହେଲା ବିବାଦ ଲାଗି ରହିଥିଲା । ଗତ ୧୯ ତାରିଖ ପୂର୍ବାହ୍ଣରେ ଅଶୋକ ଜାରକା କାର୍ ଷ୍ଟାଣ୍ଡ୍‌ରେ ଡ୍ରାଇଭରଙ୍କ ସହିତ ଆଲୋଚନା କରୁଥିବା ବେଳେ ଝୁନୁ ପହଁଚି ଅଶୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରପିଟ୍ କରିଥିଲା । ଏହାକୁ ବିରୋଧ କରିବାରୁ ଝୁନୁ ହଠାତ୍ ଅଶୋକଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲା । ଏସିଡ୍ ଅଶୋକଙ୍କ ସାର୍ଟପ୍ୟାଣ୍ଟ୍‌ରେ ପଡ଼ିବାରୁ ସେ ଅଳ୍ପକେ ବର୍ତି ଯାଇଥିଲେ । ଏଥିରେ ଝରଣା ଓ ହେମନ୍ତ ସହଯୋଗ କରିଥିଲେ । ଏ ସଂପର୍କରେ ଆଶୋକ ଗତ ୨୦ ତାରିଖରେ ଜାରକା ପୁଲିସ୍ ବିଟ୍ ହାଉସ୍‌ରେ ଏତଲା ଦେଇଥିଲେ । ପୁଲିସ୍ ୬୯୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଉଲ୍ଲେଖଯୋଗ୍ୟ, ଝୁନୁଲତା ନାଁରେ ଥାନା ଓ ଫାଣ୍ଡିରେ ଏକାଧିକ ମାମଲା ରହିଥିଲା । ସହଯୋଗୀ ଝରଣା ଓ ହେମନ୍ତ ବିଭିନ୍ନ ମାମଲାରେ ତା' ସପକ୍ଷରେ ସାକ୍ଷୀ ଦେଉଥିଲେ ।

# ୨୦୨୩ ନୂଆ ସକାଳର ଅପେକ୍ଷାରେ...



ଭୁବନେଶ୍ୱର (ପିଏନ୍): ୨୦୨୩ ନୂଆ ସକାଳକୁ ସ୍ୱାଗତ ଜଣାଇ ବରିଷ୍ଠ ଶ୍ରମିକନେତା ମାୟାଧର ନାୟକ ଲେଖିଛନ୍ତି- ସହସ୍ରାଧର ସମାଜ ଉପରେ ପର ଝାଡୁଛି ସମୟର ଶଙ୍ଖଚିଲ୍ଲ। ବିଦାୟର ବେହାଗରେ ବ୍ୟଥାର ବେପଥୁ... । ଦିନମାନେ ବିତିଯାଇଛନ୍ତି ଚିହ୍ନ ରଖିଦେଇ, ଶେଷ ଶୀତର ସିରସ୍ତାରେ ସ୍ମୃତିର ଶାଏରୀ ଗାଇ ଗାଇ । ଦୃଷ୍ଟିର ଦିଗନ୍ତରୁ ଦୃଶ୍ୟାତିତ ହୋଇଚାଲିଛି ୨୦୨୨ । ଫିକା ପଡିଯାଇଛି ପାଦପ୍ରଦୀପର ଶିଖା । ପାଣ୍ଡୁର ହୋଇଛି ପାଦ ଟିକା । ପାଉଁଶ ଦଳୁ ତଥାପି ଝଟକି ଉଠୁଛି ଝୁଲ । ଧୂଆଁର ଦଲିଲ୍ ଭିତରୁ ବାରିହୋଇ ପଡୁଛି ନିଆଁର ନକ୍ସା । ପୃଥିବୀର ଫୁଙ୍ଗୁଳା ପିଠିରେ ୨୦୨୨ ସୃଷ୍ଟି କରିଛି ବହୁ ଭୟଙ୍କର ଘଟଣାର ବିସ୍ଫୋରିତ ବିସମ୍ବାଦ । ତମାମ୍ ମିଡିଆ ମୁଲକକୁ ନଚାଇଛି, ଚହଳ ବାଣ୍ଟିଛି, ବୁଣିଛି ଚମକ । ମାଳ ମାଳ ବିସମ୍ବାଦର ଖୋରାକ ଓଜାଡିଛି ଖବରକାଗଜର ସର୍ବଗ୍ରାସୀ ଆଁରେ। ଆଖିରୁ ଚୋରାଇ ନେଇଛି ନିଦ, ଭାଙ୍ଗିଯାଇଛି ବଦ୍ଧମୂଳ ବିଶ୍ୱାସର ଭାବମୂର୍ତ୍ତି... ପ୍ରତିଷ୍ଠିତ ପ୍ରତ୍ୟୟର ପ୍ରାଚୀନପ୍ରତିମା ସବୁ। ମାଫିଆ ଗଡଫାଦରମାନଙ୍କ ଘମାଘୋଟ ଗୃହଯୁଦ୍ଧ ଯାଏ- ଧର୍ମଘଟରୁ ଧର୍ମାନ୍ତର ଯାଏ-ଦପ୍ତରରୁ ଦରବାର ଯାଏ- ରଣକ୍ଷେତ୍ରରୁ ଗଣତନ୍ତ୍ର ଯାଏ- ସଙ୍ଗୀନ୍ ରାଜନୀତିର ନିନ୍ଦିତ ନେତାଙ୍କଠୁ ରଙ୍ଗୀନ୍ ପରଦାର ଅଭିଯୁକ୍ତ ଅଭିନେତା ଯାଏ – ସବୁ ଗହନ ଗହିରର ଗୋପନ ଗୋହିରିରେ ପାଦ ପକେଇଛି ୨୦୨୩ ।

ଶ୍ରୀ ନାୟକ କହିଛନ୍ତି-ଧ୍ୱଂସର ଧ୍ୱଂସସ୍ତୁପ ତଳୁ ପୁଣି କଅଁଳୁଛି ଜୀବଟିଏ- ସାବ୍‌ଜା ସ୍ୱପ୍ନର । ପାଉଁଶିଆ ପୋଡାଭୂଇଁର ପଥର ଫାଙ୍କରୁ ନୂଆ ସକାଳର ନାରା ଶୁଣାଉଛି ନିଷ୍ପାପ ଘାସଫୁଲଟିଏ- ଆକାଶି ଆଶାରେ । ସବୁ ସଂକଟର ସଂଘାତ ଭିତରେ ବି ମଣିଷ ବଞ୍ଚିଛି ଠିକ୍ - ଅପେକ୍ଷା କରିଛି ସେଇ ନୂଆ ସକାଳକୁ । ଯେଉଁ ସକାଳ ତାକୁ ଦେଖାଉନଥିବ କୃଶବିଦ୍ଧ ଖ୍ରୀଷ୍ଟର ରକ୍ତାକ୍ତ ଶରୀର, ଗୁଳିବିଦ୍ଧ ଗାନ୍ଧୀର ଶୀତଳ ଶବ, ଲହୁଭିଜା ଲିଙ୍କନର ସକରୁଣ ଲାଶ୍... ସକ୍ରେଟିସ୍‌ର ଓଠ ଆଡକୁ କି ମୀରାବାଈର ମୁହଁ ପାଖକୁ ବିଷର ପିଆଲା ବଢାଇ ଦେଉନଥିବ କାହାର ନିର୍ଦ୍ଦୟ ହାତ। ଏକ ପାପମୁକ୍ତ, ରୋଗମୁକ୍ତ, କ୍ଷୁଧାମୁକ୍ତ ପୃଥିବୀ ଆମର ଦରକାର।

## ଡିସେମ୍ବର ୨୮ କଂଗ୍ରେସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ପିଏନ୍)- ଡିସେମ୍ବର ୨୮ ତାରିଖ ଭାରତୀୟ ଜାତୀୟ କଂଗ୍ରେସ ତାର ୧୩୮ତମ ପ୍ରତିଷ୍ଠା ଦିବସ ପାଳନ କରିବ। ଏହି ଅବସରରେ ସକାଳ ଘ. ୮.୩୦ମି. ସମୟରେ ପ୍ରଦେଶ କଂଗ୍ରେସ ଭବନରେ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଭାରତବର୍ଷ ଏବଂ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବେ ଏବଂ କଂଗ୍ରେସ ପତାକା ଉତୋଳନ କରିବେ। ସେବାଦଳ ପକ୍ଷରୁ ପତାକା ଉତୋଳନ କାର୍ଯ୍ୟକ୍ରମ ହେବ। ଏହାପରେ କଂଗ୍ରେସ ଭବନରେ 'ସ୍ୱାଧୀନତା ସଂଗ୍ରାମ ଓ ଦେଶ ଗଠନରେ କଂଗ୍ରେସର ଭୂମିକା' ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଆୟୋଜିତ ହେବ। କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା, ପ୍ରସ୍ତୁତି, ସଂଗ୍ରାମ ଓ ଆନ୍ଦୋଳନ ସଂପର୍କରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଦିଗ୍‌ଦର୍ଶନ ଦେବେ ବୋଲି ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## କେନ୍ଦ୍ରୀୟ ସଶସ୍ତ୍ର ପୁଲିସବାହିନୀ ଆସୋସିଏସନର ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): କେନ୍ଦ୍ରୀୟ ସଶସ୍ତ୍ର ପୁଲିସବାହିନୀ ସେବାନିବୃତ ଯବାନ ୱେଲଫେୟାର ଆସୋସିଏସନ ଓଡିଶା ଶାଖାର ତୃତୀୟ ବାର୍ଷିକ ସମ୍ମିଳନୀ ସିଆରପି ଗ୍ରୁପ୍ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ସେବାନିବୃତ ଆଇଜି ଆର.ଏନ. ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଗତ ବର୍ଷରେ ପରଲୋକ ଘଟିଥିବା ସଭ୍ୟଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଙ୍ଗଠନର ୩ଜଣ ବରିଷ୍ଠ ସଦସ୍ୟ ଡ. ସନାତନ ତ୍ରିପାଠୀ, ଅକ୍ଷୟ ସ୍ୱାଇଁ ଓ ମଧୁସୂଦନ ଛୋଟରାୟଙ୍କୁ ସମ୍ମାନିତ କରାଯାଇଥିଲା। ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର ପରିଚାଳନା କରିଥିଲେ। ସଙ୍ଗଠନର ବିଭିନ୍ନ ସାମାଜିକ କାର୍ଯ୍ୟ ନିମନ୍ତେ ଟି ସାର୍ଟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକ□ା ନିର୍ବାଚିତ ହୋଇଥିଲା। ସଭାପତି ଭାବେ ଆର.ଏନ. ମିଶ୍ର, ଉପସଭାପତି ଏ.କେ. ଦାଶ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର, ଯୁଗ୍ମ ସମ୍ପାଦକ ସନାତନ ସେନାପତି, ସାଙ୍ଗଠନିକ ସମ୍ପାଦକ ଗୌତମ ବେହୁରା ଓ ୟୁ.ଏନ. ମହାନ୍ତି ଏବଂ କୋଷାଧ୍ୟକ୍ଷ ଶତ୍ରୁଘ୍ନ ବେହେରାଙ୍କ ସମେତ ୮ ଜଣ କାର୍ଯ୍ୟକାରୀ ସଦସ୍ୟ ଓ ଦୁଇଜଣ ପରାମର୍ଶଦାତା ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ସଭ୍ୟମାନେ ଯୋଗଦାନ କରିଥିଲେ।




# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମନମୁଣ୍ଡା ଠାରେ ନବାହ ପରାୟଣ ଓ ରାମ ଚରିତ ମାନସ ମହାସମାରୋହରେ ପାଳିତ

ସୁବର୍ଣ୍ଣପୁର ,(ପି.ଏନ): ମନମୁଣ୍ଡା ସୁବର୍ଣ୍ଣାପାଲି ବସ୍ତି ଠାରେ ଗତ ୧୮ ତାରିଖ ରୁ ଆଜି ଯାଏ ଦୀର୍ଘ ନଅ ଦିନ ଧରି ନବାହ ପରାୟଣ ଓ ରାମ ଚରିତ ମାନସ ମହା ସମାରୋହ ରେ ପାଳିତ ହୋଇ ଯାଇଛି । ଏଥିପାଇଁ ୧୭ ତାରିଖ ଦିନ ତେଲନଦୀ ରେ ରୀତି ନୀତି ରେ ଗଙ୍ଗା ମାତା ଙ୍କ ପୂଜା ପାଠ କରାଯାଇ ବ୍ରିଜ ଘାଟ ରୁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ସହର ପରିକ୍ରମା କରାଯାଥିଲା । ଯେଉଁଥିରେ କି ଶହ ଶହ ମହିଳା ସାମିଲ ଥିଲେ । ଏହି ଉତ୍ସବ ରେ ସୀତା ବିବାହ ଅନୁଷ୍ଠିତ ହୋଇଥିବା ବେଳେ ସୀତା ଦେବୀ ଙ୍କ ବାପା ମାଆ ଭାବେ ମନମୁଣ୍ଡା ର ସୀତୁ ବେହେରା ଓ ତାଙ୍କ ଧର୍ମ ପତ୍ନୀ ଏବଂ ଶ୍ରୀ ରାମ ମହାପ୍ରଭୁ ଙ୍କ ବାପା ମାଆ ଭାବେ ରାମ ଅଗ୍ରୱାଲ ଓ ତାଙ୍କ ଧର୍ମ ପତ୍ନୀ ରୀନା ଅଗ୍ରୱାଲା ପ୍ରଭୁ ସେବା ର ଅପୂର୍ବ ସୁଯୋଗ ପାଇ ଥିଲେ । ଏଠାରେ କର୍ତ୍ତା ଭାବେ ରାମଚନ୍ଦ୍ର ଆଗ୍ରୱାଲ ଙ୍କ ପରିବାର ସକ୍ରିୟ ଯୋଗ ଦେଇଥିଲେ । ପଣ୍ଡିତ ଜ୍ୟୋତିରଞ୍ଜନ ପଣ୍ଡା ଙ୍କ ଦ୍ୱାରା ଦୀର୍ଘ ଦଶ ଦିନ ଧରି ସମସ୍ତ ପୂଜାବିଧି କରାଯାଇଥିବା ବେଳେ ପଣ୍ଡିତ ରାଜେଶ ଦାଶ ରାମଚରିତ ମାନସ ପାଠ କରିଥିଲେ । ଆଜି ସୋମବାର ଦିନ ଦିନ ଏହାକୁ ଉଦଯାପନ କରାଯାଇଛି । ସସ୍ମିତା ସେନାପତି, ଲୀଳାବତୀ ସେନାପତି, ସତ୍ୟବତୀ ନାଏକ, ମିତା ନାଏକ, ଶଶୀ ସାହୁ, ତନୁଜା ସାହୁ, ଯୋଗେସ ଆଗ୍ରୱାଲ, ଖୁସି ଆଗ୍ରୱାଲ, ପୂର୍ବୀ ସେନାପତି, ବିଭୀଷଣ ଭୁକ୍ତା, ସୁବଳ ମଲ୍ଲିକ, ଜୟନ୍ତୀ ସାହୁ ପ୍ରମୁଖ ସୁବର୍ଣ୍ଣାପାଲି ବସ୍ତି ର ସମସ୍ତ ପରିବାର ସହଯୋଗ କରିଥିଲେ । ଦୀର୍ଘ ସାତ ବର୍ଷ ଧରି ଏଇ ନବାହ ପରାୟଣ ଓ ରାମ ଚରିତ ମାନସ ମନମୁଣ୍ଡା ର ସୁବର୍ଣ୍ଣାପାଲି ଠାରେ ଆୟୋଜିତ ହୋଇ ଆସୁଥିବା ବେଳେ ଏ ସମଗ୍ର ଅଞ୍ଚଳ ରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇ ପାରୁଛି । ପ୍ରତିଦିନ ଭକ୍ତ ଶ୍ରଦ୍ଧାଳୁ ଙ୍କ ପାଇଁ ଅନ୍ନ ପ୍ରସାଦ ସେବନ ର ମଧ ବ୍ୟବସ୍ଥା କରାଯାଏ ।ସୋନପୁର ମନମୁଣ୍ଡା ର ସ୍ୱଚ୍ଛ ଭାରତ ସଂଗଠନ ର ଉପ ସଭାନେତ୍ରୀ ଉନ୍ଦୁମତୀ ପୁରୋହିତ, ସମାଜ ସେବୀ ମନୋରଞ୍ଜନ ତ୍ରିପାଠୀ, ଲଡୁକିଶୋର ମଲ୍ଲିକ, ମନୋଜ ପଣ୍ଡା, ତରଣୀ ମେହେର, ପ୍ରମୋଦ ସାହୁ, ସଂଗୀତା ନାଏକ ଓ ସଂଗଠନ ର କର୍ମକର୍ତ୍ତା ଙ୍କ ସମେତ ଏ ଅଂଚଳ ର ଶହ ଶହ ଭକ୍ତ ଶ୍ରଦ୍ଧାଳୁ ସାଧୁ ସନ୍ୟାସୀ ଏହି ଉତ୍ସବ ରେ ପ୍ରତିବର୍ଷ ସାମିଲ ହୋଇ ସହଯୋଗ କରି ପ୍ରଭୁ ଙ୍କ ଆଶୀର୍ବାଦ ନେଇଥାନ୍ତି ।

# ବଡ଼ବିରୁହାଁ ପୁରାତନ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ପାଳିତ

କୋରେଇ, (ପି.ଏନ): କୋରେଇ ବ୍ଲକ୍ ଅନ୍ତର୍ଗତ ବଡ଼ବିରୁହାଁ ପଂଚାୟତ ବଡ଼ବିରୁହାଁ ଉଚ୍ଚ ବିଦ୍ୟାପୀଠ ପୁରାତନ ବିଦ୍ୟାର୍ଥୀ ପରିଷଦର ୧୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଷରରେ ଏକ ସମାବର୍ତ୍ତନ ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଯୋଗ ଦେଇ ପାଠପଢ଼ା ପରେ ଛାତ୍ରଛାତ୍ରୀମାନେ ନିଯୁକ୍ତି ପଛରେ ନଧାଇଁ ନିଯୁକ୍ତି ସୃଷ୍ଟି କରିବାକୁ ପ୍ରୟାସ କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କୋରେଇର ପୂର୍ବତନ ବିଡିଓ ହେମନ୍ତ କୁମାର ବିହାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରେଇ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ମୋହନ ଚରଣ ଖୁଂଟିଆ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦାମୋଦର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ପାଣିଗ୍ରାହୀ ଗୋକୁଳ ଚନ୍ଦ୍ର ଦାଶ, ଅଜୟ କୁମାର ନାୟକ, ଗୁରୁଚରଣ ସାହୁ, ଅଚ୍ୟୁତାନନ୍ଦ ସାହୁ, ବାସୁଦେବ ବିଶ୍ୱାଳ, କୃଷ୍ଣଚନ୍ଦ୍ର ମହାନ୍ତି, ପୁରୁଷୋତମ ଦାଶ, ଗଣେଶ ବୋଇତାଇ, ହରିହର ନାୟକ, ବଡ଼ବିରୁହାଁ ସରପଂଚ ତପନ କୁମାର ମାଝି ଏବଂ ବିଜେପି ନେତା ପ୍ରସନ୍ନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ପ୍ର୍ଫୁଲ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବିଧ୍ୟାଳୟର ପୁରାତନ ଛାତ୍ର କୃଷ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ ମହାପାତ୍ର, ମୁକ୍ତିକାନ୍ତ ମହାପାତ୍ର, ଚନ୍ଦ୍ରଶେଖର ଦାସ, ବାପୁନି ବାରିକ, ଶୁଭାଶିଷ ସାହୁ, ନୀଳମାଧବ ପଣ୍ଡା, ରାଜେଶ ଓଝା, ମୃତ୍ୟୁଞ୍ଜୟ ବିଶ୍ୱାଳ, ରାଜକୁମାର ତରାଇ, ବଳରାମ ସାହୁ, କ୍ଷେତ୍ରବାସୀ ପଣ୍ଡା, ଧନେଶ୍ୱର ପାଳ, ଜୀବନ ପଣ୍ଡା, ହେହମନ୍ତ ସ୍ୱାଇଁ, ଚିତରଂଜନ ସାହୁ, ଲିଟନ ସାହୁ, ଚନ୍ଦ୍ରଶେଖର ସାହୁ, ସିପୁନ ବାଇ, କିଷାନ ନାଥ, ବିଷ୍ଣୁଚରଣ ଓଝା, ଆଶିଷ ସାହୁ, ଗଣେଷ ମାଝି, ପ୍ରକାଶ କୁମାର ମଲିକ, ପ୍ର୍ଫୁଲ କୁମାର ମଲିକ, ରାଜେଶ ମହାପାତ୍ର, ଚନ୍ଦନ ସାହୁ, ପ୍ରୀତିଶ ସାହୁ, ନିରାକାର ସେଠୀ, ବିକ୍ରମ ମାଝି, ତ୍ରୀନାଥ ତରାଇ, ପରମେଶ୍ୱର ପଣ୍ଡା, ସଂଜୟ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର, (ପି.ଏନ): ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୧୯୨୫ ମସିହାରେ ଭାରତ ବର୍ଷର ପ୍ରସିଦ୍ଧ ଶିଳ୍ପ ନଗରୀ କାନପୁର ଠାରେ ଆଜିର ଦିନ ଡିସେମ୍ବର - ୨୬ ରେ ପ୍ରତିଷ୍ଠା ହୋଇଥିଲା । ପ୍ରାରମ୍ଭ ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ର ସମ୍ପାଦକ ଯୁଧିଷ୍ଠିର ରାଉଳ ପାର୍ଟିର ଦାଦ' ହାତୁଡି ସମ୍ବଳିତ ଲାଲ୍ ପତାକା ଉତୋଳନ କରିବା ସହ ଦେଶର ସମ୍ବିଧାନର ସୁରକ୍ଷା, ସାମ୍ପ୍ରଦାୟିକ ସମ୍ପ୍ରିତି ଓ ଭାଇଚାରା ରକ୍ଷା କରିବା ସହ ଜନ ସମସ୍ୟା ନେଇ ଲଗାତାର ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ବେକାରୀ ସମସ୍ୟା, ଦରଦାମ୍ ବୃଦ୍ଧି, ସମସ୍ତ ଙ୍କୁ ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ । ଜୟପୁର ସେବା କାଗଜ କଳ କୁ ସକ୍ଷମ ଭାବେ ଚଳେଇବା ଓ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ପାର୍ଟି ଲଗାତାର ଆନ୍ଦୋଳନ କରିବା ସହ ସ୍ଥାନୀୟ ସମସ୍ୟା ନେଇ ଆନ୍ଦୋଳନ ବ୍ୟାପକ କରିବା ପାଇଁ ବକ୍ତା ମାନେ କହିଛନ୍ତି । ଆଜିର କାର ?୍ୟକ୍ରମ ରେ ସର୍ବଶ୍ରୀ ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ,ନନ୍ଦ ହରିଜନ, ସନ୍ୟାସୀ ମାଳୀ, ଗୁପ୍ତା ସଗରିଆ ପ୍ରମୁଖ ଯୋଗଦାନ କରିଥିଲେ ।ସେହିପରି ୧୯୨୫ ମସିହା ଡିସେମ୍ବର -୨୫ ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଭାରତର ଶିଳ୍ପ ନଗରୀ କିନପୁର ଠାରେ ପ୍ରତିଷ୍ଠା ହୋଇଥିଲା । ଆଜିର ଦିନ କୁ ସ୍ମରଣୀୟ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦଶମନ୍ତପୁର ଶାଖା ପକ୍ଷରୁ ପାଳିତ ହୋଇଯାଇଛି । ଜିଲ୍ଲା ସହ ସମ୍ପାଦକ ଶ୍ରୀ କୁମର ଜାନୀ ପତାକା ଉତୋଳନ କରିବା ସହ ଫାଶୀବାଦୀ ଶକ୍ତି ବିରୁଦ୍ଧରେ ଲଢି ଦେଶର ଐକ୍ୟ ଅଖଣ୍ଡତା ଓ ଭାଇଚାରା ସୁରକ୍ଷା ରଖିବା ସହ ବେକାରୀ ସମସ୍ୟାର ସମାଧାନ, ସମସ୍ତ ଙ୍କୁ ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ରୋଜଗାର ଯୋଗାଇବା ଏବଂ ଜମି ଜଳ ଜଙ୍ଗଲ ଉପରେ ଅଧିକାର ପାଇଁ ସଂଘର୍ଷ କୁ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଗୋପାଳପୁର ବେଳାଭୂମି ମହୋତ୍ସବ ଆଳରେ ବିଜେଡ଼ି ଦଳୀୟ ପ୍ରଚାର କରୁଛି - ପିସିସି ସଭ୍ୟ ପୀତବାସ ପଣ୍ଡା

ଗଞ୍ଜାମ, (ପି.ଏନ): ଗୋପାଳପୁର ବେଳାଭୂମି ମହୋତ୍ସବ ଆଳରେ ବିଜେଡ଼ି ଦଳୀୟ ପ୍ରଚାର କରୁଛି ବୋଲି ପିସିସି ସଭ୍ୟ ତଥା ଆଇନଜୀବୀ ପୀତବାସ ପଣ୍ଡା ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କାରିଛନ୍ତି । ବ୍ରହ୍ମପୁର ଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଏନେଇ ଅଧିକ ସୂଚନା ଦେଇ ଶ୍ରୀ ପଣ୍ଡା କହିଛନ୍ତି ଯେ, କୋଟି କୋଟି ଟଙ୍କାର ରାଜସ୍ୱ ବ୍ୟୟ କରି ସରକାରୀ ସ୍ତରରେ ମନୋରଞ୍ଜନଧର୍ମି କାର୍ଯ୍ୟକ୍ରମ ଆୟୋଜନ ହେଉଛି । ଭିଆଇପି ପାସ୍ କରି ନିର୍ଦ୍ଦିଷ୍ଟ ଗୋଷ୍ଠିଙ୍କୁ ଆପ୍ୟାୟିତ କରାଯାଉଛି । ଯାହାଦ୍ୱାରା ମହୋତ୍ସବର ପ୍ରକୃତ ଉଦ୍ଦେଶ୍ୟ ସାଧନ ହେବ ନାହିଁ । ଗଞ୍ଜାମ ଜିଲ୍ଲାର ୧୩ ଜଣ ବିଧାୟକଙ୍କ ମଧ୍ୟରୁ ୨ ଜଣଙ୍କୁ ବାଦ୍ ଦେଇ ୧୧ ଜଣଙ୍କୁ ନିମନ୍ତ୍ରଣ କରିବା ପଛରେ ହିନ ରାଜନୀତି ସ୍ପଷ୍ଟ ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି । ସାନଖେମୁଣ୍ଡି ଓ ଗୋପାଳପୁର ବିଧାୟକଙ୍କୁ କାହିଁକି ମହୋତ୍ସବକୁ ନିମନ୍ତ୍ରଣ କରାଗଲା ନାହିଁ ସେନେଇ ଆୟୋଜକ ମାନେ କୈଫିୟତ୍ ଦେବା ଦରକାର । ଗୋପାଳପୁର ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକଙ୍କୁ କାହିଁକି ଡକାଗଲା ନାହିଁ ତାହା ଜିଲ୍ଲାବାସୀ ଜାଣିବାର ଅଧିକାର ଅଛି । ବିଜେଡ଼ିକୁ ଛାଡିଦେଲେ ଅନ୍ୟ କୌଣସି ରାଜନୈତିକ ଦଳର ଜିଲ୍ଲା କିମ୍ବା ରାଜ୍ୟ ନେତାଙ୍କୁ ମହୋତ୍ସବକୁ ନିମନ୍ତ୍ରଣ କରାଯାଇନାହିଁ । ଜିଲ୍ଲାର କୌଣସି ଶିକ୍ଷାବିତ୍, ଓକିଲ, ଡାକ୍ତର ତଥା ବୁଦ୍ଧିଜିବୀଙ୍କୁ ଅତିଥି କରାଯିବା ତ ଦୂରର କଥା, ସେମାନଙ୍କୁ ମହୋତ୍ସବକୁ ନିମନ୍ତ୍ରଣ କରାଯାଇନାହିଁ । ଏହା ବିଜେଡ଼ି ମହୋତ୍ସବ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଗଞ୍ଜାମ ଜିଲ୍ଲା କଂଗ୍ରେସ ହୃଦବୋଧ କରିଛି । ପ୍ରଶାସନ ଏଭଳି ହିନ ସ୍ୱାର୍ଥ କୈନ୍ଦ୍ରିକ ରାଜନୀତିରୁ ଉର୍ଦ୍ଧ୍ୱକୁ ଆସି ଜିଲ୍ଲାର ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉପରେ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ନେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday December 28, 2022 ଭୁବନେଶ୍ବର ବୁଧବାର, ଡିସେମ୍ବର ୨୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଜାନୁୟାରୀ ୩ ରେ ପାରାଦୀପ ମାରାଥାନ୍-୨୦୨୩



ପାରାଦୀପ,(ପି.ଏନ): ଆସନ୍ତା ଜାନୁୟାରୀ ମାସ ୩ ତାରିଖ ଦିନ ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ମାରାଥାନ୍ ଦୌଡ ଅନୁଷ୍ଠିତ ହେବ। ୩ ତାରିଖ ଦିନ ସକାଳେ ବନ୍ଦର ୫ ନମ୍ବର ଗେଟ୍ ନିକଟସ୍ଥ ହନୁମାନ ମନ୍ଦିର ନିକଟରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍.ହରନାଦ ପତାକା ଦେଖାଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିବେ । କ୍ରୀଡାବିତ୍‌ମାନେ ୧୪ କିଲୋମିଟର ରାସ୍ତା ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପହଂଚିବେ । ଡିସେମ୍ବର ମାସ ୩୧ ତାରିଖ ୨୦୨୨ ସୁଦ୍ଧା କ୍ରୀଡାବିତ୍‌ମାନଙ୍କର ବୟସ ୧୮ ବର୍ଷରୁ ଉର୍ଦ୍ଧ୍ବ ଓ ୪୦ ବର୍ଷରୁ କମ୍ ବୟସ ହୋଇଥିବା ଆବଶ୍ୟକ। ଏହି ବୟସର କ୍ରୀଡାବିତ୍ ମାନେ ମାରାଥାନ୍‌ରେ ଅଂଶଗ୍ରହଣ କରିପାରିବେ ବୋଲି ପାରାଦୀପ ବନ୍ଦରର ଲୋକ ସମ୍ପର୍କ ଅଧିକାରୀ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି । ଆଗ୍ରହୀ କ୍ରୀଡାବିତ୍‌ମାନେ ଶାରିରୀକ ପ୍ରମାଣ ପତ୍ର ସରକାରୀ ଡାକ୍ତରଖାନା କିମ୍ବା ପାରାଦୀପ ବନ୍ଦର ଚିକିତ୍ସାଳୟରୁ ଆଣିଥିବା ଆବଶ୍ୟକ। ପୁରୁଷ ପ୍ରତିଯୋଗୀମାନେ ୫୦ଟଙ୍କା ଓ ମହିଳା ପ୍ରତିଯୋଗିମାନେ ୩୦ ଟଙ୍କା ପ୍ରବେଶ ଦେୟ ଦାଖଲ କରିବେ । ପାରାଦୀପ ବାହାରୁ ଆସିଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ରହିବା ଓ ଖାଇବା ପାରାଦୀପ ବନ୍ଦର ପକ୍ଷରୁ ବ୍ୟବସ୍ଥା କରାଯାଇଛି । ପ୍ରତିଯୋଗିମାନେ ଶାରିରୀକ ପ୍ରମାଣ ପତ୍ର ସହିତ ଭୋଟ ପରିଚୟ ପତ୍ର କିମ୍ବା ଆଧାର କାର୍ଡ ଓ ବୟସର ପ୍ରମାଣପତ୍ର ପଂଜୀକରଣ ସମୟରେ ପ୍ରବେଶ ଦେୟ ସହିତ ଦାଖଲ କରିବେ। ଜାନୁୟାରୀ ୧ ତାରିଖ ଦିନ ସ୍ଥାନୀୟ ପାରାଦୀପ ପୌରାଂଚଳର ପ୍ରାର୍ଥୀମାନେ, ଓ ସେହି ଦିନ ସମେତ ୨ ତାରିଖ ଦିନ ପାରାଦୀପ ବାହାରର ପ୍ରାର୍ଥୀମାନେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ନାମ ପଂଜୀକରଣ କରିପାରିବେ । ମଧ୍ୟାହ୍ନ ସାଢେ ଗୋଟାଏରୁ ସାଢେ ଦୁଇଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ନିମନ୍ତେ ବିରତି ରହିବ। ପୁରୁଷ ଓ ମହିଳା ବର୍ଗର ପ୍ରଥମରୁ ଷଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅର୍ଥରାଶି ପ୍ରଦାନ କରାଯିବା ସହିତ ସମୟାନୁସାରେ ଆସିଥିବା ୧୫୦ଜଣ ପୁରୁଷ ଓ ୫୦ ଜଣ ମହିଳା ପ୍ରତିଯୋଗୀଙ୍କୁ ଉପଢୌକନ ପ୍ରଦାନ କରାଯିବ ବୋଲି ପ୍ରେସ୍ ଇସ୍ତାହାରରୁ ଜଣାପଡିଛି ।

## ଶ୍ରମିକଙ୍କ ପ୍ରତିବାଦ ୨୯ ରେ

କୋରେଇ,(ପି.ଏନ): ଯାଜପୁର ଜିଲ୍ଲା ଶ୍ରମ ବିଭାଗ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ମହାମାରୀ କରୋନା ଦୁଇ ବର୍ଷ ମଧ୍ୟରେ ଅନେକ କଳ କାରଖାନାରୁ ବ୍ୟାପକ ଶ୍ରମିକ ଛଟେଇ ହୋଇଥିଲେ ମଧ୍ୟ ସେମାନଙ୍କୁ ନ୍ୟାୟ ନ ମିଳିବା ଓ ୧୯୯୧ ନିର୍ମାଣ ଶ୍ରମିକ ଆଇନରେ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଦ୍ୱାରା ସହାୟତା ରାଶି ଯୋଗାଇଦେବା ଉଦ୍ଦିଷ୍ଟ ଥିଲେ ମଧ୍ୟ ଏହା ଦିଗହରା ହୋଇଛି। ଶ୍ରମ କାର୍ଯ୍ୟାଳୟରେ ଜଣେ ଉପ ଶ୍ରମ ଅଧିକାରୀ ନିଯୁକ୍ତି ଥିବାବେଳେ ସେ ସବୁବେଳେ ଉପସ୍ଥିତ ରୁହନ୍ତି ନାହିଁ । ସପ୍ତାହକୁ ଦିନେ କି ଦୁଇ ଦିନ ରୁହନ୍ତି। ବହୁଦିନ ଧରି ଏଠାରେ ବିବାହ, ଶିକ୍ଷା, ମୃତ୍ୟୁକାଳୀନ ସହାୟତା ଦେବାରେ ଅବହେଳା ହେଉଛି ବୋଲି ରାଜ୍ୟ ଆଇଏନଟିୟୁସି ସଭାପତି ପ୍ରକାଶ କରିଛନ୍ତି। ଶ୍ରମ କାର୍ଯ୍ୟାଳୟରେ ଏଭଳି ଅନିୟମିତତା ପାଇଁ ଆସନ୍ତା ୨୯ ତାରିଖରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଶ୍ରମିକ ସମାବେଶ ଓ ପ୍ରତିବାଦ ସଭାର ଆୟୋଜନ କରାଯିବ ବୋଲି ସଭାପତି ଶ୍ରୀ ମହାନ୍ତି ଏକ ବିବୃତିରେ ଚେତାବନୀ ଦେଇଛନ୍ତି।

## ଶିକ୍ଷାବିତ୍ ସ୍ୱର୍ଗତ ବିଷ୍ଣୁଚରଣ ପ୍ରଧାନଙ୍କ ସ୍ମୃତିଚାରଣ ସଭା



ଦର୍ପଣ, (ପିଏନ ):ବଡ଼ଚଣା ବ୍ଲକ ଦେଉଳକୁର ଗ୍ରାମର ଶିକ୍ଷାବିତ୍ ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ବିଷ୍ଣୁ ଚରଣ ପ୍ରଧାନଙ୍କ ଶ୍ରାଦ୍ଧ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ନିଜ ବାସଗୃହରେ ଭୋଳାନାଥ ରାଉତଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିର୍ମଳ ଚନ୍ଦ୍ର ମିଶ୍ର,ଶିକ୍ଷକ ନେତା ଭଗବାନ ପଣ୍ଡା,ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ସ୍ୱାଇଁ,ପ୍ରାକ୍ତନ ସମବାୟ ସମିତି ସଭାପତି ଜାନକୀ ବଲ୍ଲଭ ପ୍ରଧାନ,ସାମ୍ବାଦିକ ଶିବରାମ ସାହୁ,ସରପଂଚଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ,ସମିତି ସଭ୍ୟ ମଧୁସୂଦନ ବଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ବହୁମୁଖୀ ପ୍ରତିଭାର ଆଲୋକପାତ କରିଥିଲେ। ତାଙ୍କ ଶିକ୍ଷକତା ସମୟରେ ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରି ଆଜି ବହୁ ଛାତ୍ର ସମାଜର ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଇପାରିଛନ୍ତି ବୋଲି ଅତିଥିମାନେ କହିଥିଲେ। ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଅତିଥିମାନେ ୨ ମିନିଟ ନିରବ ପାର୍ଥନା କରିଥିଲେ ।ତାଙ୍କ ପୁତ୍ର ପ୍ରଭାକର ପ୍ରଧାନ ଓ ପ୍ରଦୀପ୍ତ ପ୍ରଧାନ ସମସ୍ତ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଓଡ଼ିଶା ପ୍ରଜ୍ଞାପନ ମେଢ଼କୁ ଗଣତନ୍ତ୍ର ଦିବସରେ ସାମିଲ ନକରିବା ଅତ୍ୟନ୍ତ ନିନ୍ଦନୀୟ:ଶରତ

ଭୁବନେଶ୍ୱର ,(ପି.ଏନ): ବିଗତ ତିନିବର୍ଷ ଧରି ଦିଲ୍ଲୀର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ କେନ୍ଦ୍ର ବିଜେପି ସରକାର ବିଗତ ତିନିବର୍ଷ ଧରି ବାଦ ପକାଇଛନ୍ତି। ଏହିକାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟମାନେ ନିଜ ରାଜ୍ୟର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ସହିତ ମହିଳା ସଶକ୍ତିକରଣ, ଜଙ୍ଗଲ ସୁରକ୍ଷା, କୃଷି ଓ ଅତ୍ୟାଧୁନିକ କଳାକୌଶଳକୁ ପ୍ରଦର୍ଶନ କରିଥାନ୍ତି। ଏହାଦ୍ୱାରା ସାରାଭାରତ ବର୍ଷର ଜନସାଧାରଣଙ୍କୁ ନିଜ ରାଜ୍ୟକୁ ଆକୃଷ୍ଟ କରିବା ସହିତ ଦେଶବିଦେଶର ଜନସାଧାରଣଙ୍କୁ ମଧ୍ୟ ଆକୃଷ୍ଟ କରିଥାନ୍ତି। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ବିଗତ ତିନିବର୍ଷ ଧରି କେନ୍ଦ୍ରର ବିଜେପି ସରକାର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଦେଖାଉଛନ୍ତି। ଯଦ୍ୱାରାକି ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଏହି ଗଣରାଜ୍ୟ ଦିବସରେ ସ୍ଥାନିତ କରାଯାଉ ନାହିଁ। ଏଥିପାଇଁ ଓଡ଼ିଶାର ସରକାରଙ୍କର ମଧ୍ୟ ସାମାନ୍ୟତମ ପ୍ରତିବାଦ ନାହିଁ। ଏଭଳି ବୈମାତୃକ ମନୋଭାବ ସ୍ପଷ୍ଟଭାବେ ପ୍ରମାଣିତ କରୁଛି କେନ୍ଦ୍ରର ବିଜେପି ସରକାର ଓ ବିଜେପି ଦଳ ଓଡ଼ିଶାର କିପରି ଦେଖୁଛନ୍ତି। କଂଗ୍ରେସ ଦଳ ଏହାର ଦୃଢ଼ ପ୍ରତିବାଦ କରୁଛି ଏବଂ କେନ୍ଦ୍ରର ବିଜେପି ସରକାରଙ୍କୁ ଚେତେଇ ଦେବାପାଇଁ ଚାହୁଁଛି ଆସନ୍ତା ଗଣରାଜ୍ୟ ଦିବସରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ସ୍ଥାନିତ କରାଯାଉ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦାବି କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ପରମ ଭୂଷଣ(ଡି.ଏସ୍‌ସି) ଉପାଧି ପ୍ରାପ୍ତ ଡଃ. ଗୋପାଳ ଚନ୍ଦ୍ର ନନ୍ଦଙ୍କ ପେଟେଂଟେଡ୍ ଡି.ଏନ୍.ଏ ନାଜାଲ୍ ଡ୍ରପ୍ ଏବେ ବଜାରରେ ଉପଲବ୍ଧ




ଭୁବନେଶ୍ୱର,(ପି.ଏନ): ଭାରତ ସରକାରଙ୍କ ଅଧିନ ଆୟୁର୍ବେଦ ଗବେଷଣା ପରିଷଦର ପୂର୍ବତନ ବରିଷ୍ଠ ବୈଜ୍ଞାନିକ ତଥା ନିକଟରେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ଚିକିତ୍ସା ବିଜ୍ଞାନ ବିଦ୍ୟା କ୍ଷେତ୍ରରେ ଆୟୁର୍ବେଦ ବିଷୟରେ ପରମ ଭୂଷଣ(ଡି.ଏସ୍‌ସି) ଉପାଧି ଲାଭ କରିଥିବା ବିଶିଷ୍ଟ ଆୟୁର୍ବେଦିକ୍ ଡାକ୍ତର ପ୍ରଫେସର୍ ଗୋପାଳ ଚନ୍ଦ୍ର ନନ୍ଦଙ୍କ ୩୦ବର୍ଷର ବିଶେଷ ଗବେଷଣା ଲବ୍ଧ ତଥା ପେଟେନ୍‌ଟେଡ୍ ଡି.ଏନ୍.ଏ ନାଜାଲ୍ ଡ୍ରପ୍ ଯାହାକି ସମସ୍ତ ପ୍ରକାର ସର୍ଦ୍ଦି, କାଶ, ଛିଙ୍କ,ମୁଣ୍ଡବିନ୍ଧା ଏବଂ ନାସା ଓ ଗଳାଗତ ରୋଗ ଆଦି ଲକ୍ଷଣ କ୍ଷେତ୍ରରେ ବଜାରରେ ମିଳୁଥିବା ଏକମାତ୍ର ନିର୍ଭର ଯୋଗ୍ୟ ଓ ଅବ୍ୟର୍ଥ ଔଷଧ ଅଟେ । ଏହି ଔଷଧ ଜି.ଏମ୍.ପି ଏବଂ ଆଇ.ଏସ୍.ଓ ସାର୍ଟିଫାଏଡ୍ କମ୍ପାନୀ ଡି.ଏନ୍.ଏ ଫରମୁଲେସନସ୍ ଦ୍ୱାରା ପ୍ରସ୍ତୁତ । ଏହି ଔଷଧ ପାଇବା ପାଇଁ ୯୧୨୪୦୨୯୮୧୧ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରଓ୍ୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୪ ଗୋଟି, ସାମୁହିକ ଦରଖାସ୍ତ ୯ ଗୋଟି ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୨୨ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୨୧ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି।ଆଜି ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଶ୍ରୀମତୀ ନରଓ୍ୱଣେ ହିଲୁଙ୍ଗ ଗ୍ରାମପଂଚାୟତ ଅନ୍ତର୍ଗତ ଅମୁଲ୍ୟମଣୀ ରାଣୀପୁର ନିବାସୀ ପଦ୍ମିନୀ ଥପାଙ୍କୁ ବିଧବା ଭତା ସହାୟତା ଓ ଗୁଲାପ ଫୁଲ ମେହେରଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇ ମାସିକ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି ଜିଲ୍ଲାପାଳ ତଥା ଉପସ୍ଥିତ ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁର। ପୁନଶ୍ଚ ଅବକାରୀ ବିଭାଗ ତରଫରୁ ନିଶା ନିବାରଣ ସଚେତନତା ପରିପ୍ରେକ୍ଷୀରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ଉଚ୍ଚ ବିଦ୍ୟାଳୟ ତର୍କ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ସୁବ୍ରତ ପଧାନ, ପ୍ରତୀକ କୁମାର ବେହେରା ଓ ଜଗା ରଣାଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରିଛନ୍ତି ଜିଲ୍ଲାପାଳ ସୁବର୍ଣ୍ଣପୁର।

## କିଟ୍‌ରେ ୩୬ତମ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ ଉଦଯାପିତ




ଭୁବନେଶ୍ୱର,(ପି.ଏନ): କିଟ୍‌ରେ ୩୬ତମ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'କ୍ରିତି ଉତ୍ସବ' ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଗତ ୫ଦିନ ଧରି ଚାଲିଥିବା କ୍ରିତି ଉତ୍ସବର ଉଦଘାଟନୀ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ି ନିଜକୁ କେବଳ ପାଠପଢ଼ାରେ ସୀମିତ ନରଖି ନିଜ ନିଜ ଲୁକ୍କାୟିତ ପ୍ରତିଭାକୁ ପରଖିବା ଦରକାର ବୋଲି କହିଥିଲେ। ପାଠ ପଢ଼ା ସହିତ ନାଚ ଗୀତ ଖେଳକୁଦ ଆଦି କ୍ଷେତ୍ରରେ ପାରଙ୍ଗମ ହେବା ଉଚିତ। ଏହା ସହିତ ନିଜକୁ ଜଣେ ଭଲ ମଣିଷ କରି ଗଢ଼ି ତୋଳିଲେ ସମଗ୍ର ବିଶ୍ୱ ଭଲ ଲାଗିବ ବୋଲି ଶ୍ରୀ ସାମନ୍ତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଦଯାପନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଶୈକ୍ଷିକ, ସାଂସ୍କୃତିକ ଏବଂ କ୍ରୀଡ଼ା ପାଇଁ ଉପକୂଳ ବାତାବରଣ ପ୍ରଦାନ କରିଆସୁଛି ବୋଲି କହିଥିଲେ। ଆସୋସିଏସନ୍ ଅଫ ଇଣ୍ଡିଆନ୍ ୟୁନିଭରସିଟି (ଏଆଇୟୁ) କିଟ୍ ବିଶ୍ୱବିଦ୍ୟାଳୟରେ ଯୁବ ଉତ୍ସବ ଆୟୋଜନ ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଯୁବ ଗୋଷ୍ଠୀ ପରସ୍ପରର ସଂସ୍କୃତି ଏବଂ ପରମ୍ପରା ବିଷୟରେ ଜାଣିବାର ସୁଯୋଗ ପ୍ରଦାନ କରିଥିଲା। ଏଭଳି କାର୍ଯ୍ୟକ୍ରମ ଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ସମ୍ମାନିତ ଅତିଥି ଭାବେ ଆଇଆଇଟି, ଭୁବନେଶ୍ୱରର ପ୍ରଫେସର (ଡ.) ଏସ୍.କେ ଶର୍ମା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିନା ପରିଶ୍ରମରେ ସଫଳତା ଅସମ୍ଭବ ଓ ଅକ୍ଲାନ୍ତ ପରିଶ୍ରମ ସହିତ ନିରନ୍ତର ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। କ୍ରିତି ଉତ୍ସବର ଆୟୋଜନ କମିଟି ସମ୍ପାଦକ ଡ. ଶ୍ୟାମ ସୁନ୍ଦର ବେଉରା ସ୍ୱାଗତ ଭାଷଣ ଦେଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଯୁବ ଉତ୍ସବରେ ପୂର୍ବ ଭାରତର ୧୩ ଟି ବିଶ୍ୱବିଦ୍ୟାଳୟରୁ ୪୫୦ରୁ ଉର୍ଦ୍ଧ୍ବ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray